ନଂ ୧୨୪......
ତା 17 JUL 1959
ରାଉରକେଲା

# ପ୍ରିୟାର ପ୍ରତିମା

●

ଲେଖକ :
ଶ୍ରୀ ଅଭିମନ୍ୟୁ ମହାପାତ୍ର

●

●

ପ୍ରକାଶକ :
ଉତ୍କଳ ସାହିତ୍ୟ ମନ୍ଦିର
କଟକ-୨

ପ୍ରଥମ ପ୍ରକାଶ :
ଅକ୍ଟୋବର—୧୯୫୪

ପ୍ରକାଶକ :
ଶ୍ରୀ ହରିହର ପ୍ରସାଦ ପଟ୍ଟନାୟକ
ଉତ୍କଳବାଣୀ ମନ୍ଦିର
କଟକ—୨

ମୁଦ୍ରାକର :
ଶ୍ରୀ ବାଳକୃଷ୍ଣ ସାହୁ
କଳିଙ୍ଗ ଭାସ୍କର ମୁଦ୍ରଣାଳୟ
ମାନସିଂହ ପାଟଣା, କଟକ—୧

ମୂଲ୍ୟ :
ଏକଟଙ୍କା

# ଉତ୍ସର୍ଗ

ଯାହାର ପ୍ରେରଣା ମୋର ନିରାଶମୟ ଜୀବନକୁ ସରସମୟ କରି ତୋଳିଛି, ଯେ ମୋର ସଂସାରକୁ ସୁନ୍ଦରଭାବେ ଚଳାଇ ଲେଖା ଲେଖି ପାଇଁ ସମୟର ସୁଯୋଗ ଦେଇ ପାରିଛି ସେଇ ମୋର ସହଧର୍ମିଣୀ ହାତରେ 'ପ୍ରିୟାର ପ୍ରତିମା' ତୋଳି ଦେଲି ।

ଲେଖକ

ନଂ 174
ତା 17 JUL 1959
ରାଉରକେଲା

ନୂତନ ରୋମାଞ୍ଚକର ଡିଟେକ୍ଟିଭ୍ ସିରିଜ୍
ଆଧୁନିକ ଭାବଧାରା ନେଇ ଲିଖିତ ।

# ମାଡ୍ରାସ ମେଲ

( ୧ମ, ୨ୟ, ୩ୟ, ୪ର୍ଥ )

ଆଜ ପ୍ରଥମ ଭାଗ ଖଣ୍ଡିକ ସଂଗ୍ରହ କରନ୍ତୁ ।

ନଂ ୧୨୪.....
ତା 17 JUL 1959
ରାଉରକେଲା

ପ୍ରଶାନ୍ତ ଘର ଭିତରୁ ବାହାରି ଛାତ ଉପରେ ବୁଲିବା ପାଇଁ ଗଲା । ଏପରି ସମୟରେ ନିକଟସ୍ଥ ଅନ୍ୟ ଗୋଟିଏ କୋଠାର ଛାତ ଉପରୁ ଜଣେ ଷୋଡ଼ଶୀ ତାର ନୟନ ଗୋଚର ହେଲା । ସେ ନିର୍ନିମେଷ ନୟନରେ ନିର୍ଭୀକା ଷୋଡ଼ଶୀକୁ ଏକ ଲୟରେ ଚାହିଁ ରହିଲା । ଧଳା ଶାଢ଼ୀ ସହିତ ଲାଲ ରଙ୍ଗର ବ୍ଲାଉଜ ବେଶ୍ ମନକୁ ଆକର୍ଷଣ କରୁଥିଲା । ତା ସହିତ ସୁନାର ଛୋଟ ଟିକାଟି ମୁଣ୍ଡ ଉପରେ ଅତି ସୁନ୍ଦର ଦିଶୁଥିଲା । ଖୁବ୍ ସୁନ୍ଦରୀ ପୂର୍ଣ୍ଣଯୌବନା ଷୋଡ଼ଶୀଟି କିଏ ବୋଲି ଜାଣିବାକୁ ପ୍ରଶାନ୍ତ ଅପେକ୍ଷା କରିଥିଲା । ଜୀବନରେ କେବଳ ବହି, ଉପନ୍ୟାସ ଏବଂ ଗଳ୍ପ ସହିତ ସେ ଅତି ପରିଚିତ । ହଠାତ୍ ସୁନ୍ଦରୀ ତରୁଣୀକୁ ଦେଖି ପ୍ରଶାନ୍ତର ହୃଦୟରେ ଗୋଟାଏ ତୋଫାନର ଢେଉ ଉଠିଲା । ସେ ନୀରବରେ ଠିଆ ହୋଇ ରୂପସୀକୁ ଆଖି ପୂରାଇ ଦେଖିବାକୁ ଲାଗିଲା । ତରୁଣୀ ମଧ୍ୟ ସ୍ଥିର ଦୃଷ୍ଟିରେ ପ୍ରଶାନ୍ତକୁ ଅତି ଗୋପନ ଭାବରେ ନିରୀକ୍ଷଣ କରୁଥିଲା । ଆଖି ଆଖିର ମିଳନ ଜଣକ ସହିତ ଅନ୍ୟ ଜଣକର । ପ୍ରଶାନ୍ତ ତାକୁ ଏବଂ ସେ ପ୍ରଶାନ୍ତକୁ ଦେଖୁଥିଲା ।

ଜଣେ ନୀରବ ଓ ଅନ୍ୟ ଜଣେ ଚିନ୍ତିତ । ଜଣକର ମୁହଁ ଉପରେ ଫୁଟି ଉଠିଥିଲା ଚଞ୍ଚଳତା, ଅନ୍ୟ ଜଣଙ୍କ ମନରେ ଅସ୍ଥିରତା । ଭାବନାର ଧାରା କ୍ରମେ ଗୋଟିଏ ଫୁଲରେ ପରିଣତ ହୁଏ, ଯାହାର ଅଛି ରଙ୍ଗ, ସୌନ୍ଦର୍ଯ୍ୟ ଆଉ ପ୍ରସନ୍ନତା । ତାହା କେବଳ ସୁଗନ୍ଧ ଏବଂ ରସକୁ ଉପଭୋଗ କରିବା ପାଇଁ ଦରକାର ପଡ଼େ । ଦିନେ ସେଇ ଫୁଲଟି ନୀରସ, ମଳିନ ହେବ ଏବଂ ବୃନ୍ତରୁ ଖସି ପଡ଼ିବ । ଏହା

ଜଗତର ନିତ୍ୟ ନୈମିତ୍ତିକ ଘଟଣା । ଭାଗ୍ୟର ମିଳନ, ଅପୂର୍ବ ସମାବେଶ । ଗୋଟିଏ ଉଦ୍ୟାନରେ ଦୁଇଟି ଫୁଲ, ଦୁଇଟିଯାକ ଖୁବ୍ ସୁନ୍ଦର । ଉଭୟଙ୍କର ଭିତରେ ସୌନ୍ଦର୍ଯ୍ୟ ଓ ସୁଗନ୍ଧ ଭରି ହୋଇ ରହିଛି । ଜଣେ ମାଳୀ ହାତରେ ପଡ଼ିବା ପରେ ଅନ୍ୟ ଜଣକୁ ଗାନ୍ଥି ଦିଏ ଏବଂ ଅନ୍ୟଟି ଦେବତାଙ୍କ ପୂଜାରେ ଲାଗେ । ଲୋକେ ମଧ୍ୟ ଏହାକୁ ଅଙ୍ଗ ଭୂଷଣ ରୂପେ ବ୍ୟବହାର କରନ୍ତି । ସୁନ୍ଦରୀ କୁମାରୀ ବଡ଼ ଘର ପାଇଲେ ତାର ସୌନ୍ଦର୍ଯ୍ୟ ସ୍ଥାୟୀ ରହେ ଏବଂ ଆନନ୍ଦ ପାଏ, ସୁଖରେ ରହେ । ଗରିବ ଘରେ ପଡ଼ିଲେ ସୌନ୍ଦର୍ଯ୍ୟର ମୂଲ୍ୟ ରହେ ନାହିଁ କିମ୍ବା ରହିଲେ ମଧ୍ୟ କେହି ବୁଝେ ନାହିଁ । ଏହାର ସୌନ୍ଦର୍ଯ୍ୟକୁ କେବଳ ଖରିଦ କରାଯାଏ । ଗଭୀର ଭାବନାରେ ବୁଡ଼ି ରହି ପ୍ରଶାନ୍ତ ଦେଖୁଥିଲା ସୁନ୍ଦରୀ ପ୍ରତିମାକୁ । ସେ ତାହାକୁ ଆଜି ପ୍ରଥମଥର ପାଇଁ ଦେଖି ନାହିଁ— ଝରକା ଫାଙ୍କରେ ମଧ୍ୟ ସେ କେତେଥର ଲକ୍ଷ୍ୟ କରିଛି, ହେଲେ ମଧ୍ୟ ସେ ତରୁଣୀଟି ସମ୍ବନ୍ଧରେ କେବେ କିଛି ଭାବିବାକୁ ଅବସର ପାଇନଥିଲା, ଭାବନା କରିବାର ଯଥାର୍ଥତା ନ ଥିଲା । ଆଜି ଯେ କାହିଁକି ତାର ଏପରି ପରିବର୍ତ୍ତନ ହେଲା ସେ ଜାଣିବାକୁ ଅକ୍ଷମ । ଆଖି ଅବଶ— ଧୈର୍ଯ୍ୟର ବନ୍ଧ ଭାଙ୍ଗିଛି । ସେଇ ସୁନ୍ଦରୀର ଖବର ରଖିବାକୁ ମନ ତା ଆଖି ଉପରେ ବୋଲ ହୋଇ ଯାଇଛି । ଦୁହେଁ ଦୁହିଁଙ୍କୁ ନିରୀକ୍ଷଣ କରିବାରେ ଯେ କେତେ ସମୟ କଟି ଗଲାଣି କାହାରି ଖିଆଲ ନାହିଁ ବୋଧହୁଏ ସେମାନେ ମନେ ମନେ ଶପଥ କରିଥିବେ ଯେ ପ୍ରଥମେ ସ୍ଥିତରୁ ଓହ୍ଲାଇବ ସେ ହାରି ଯିବ ।

ସୂର୍ଯ୍ୟ ବୁଡ଼ି ଗଲେଣି । ଅନ୍ଧକାର ଆସନ ଜମାଇ ଦେଲାଣି । ବିଜୁଳି ବତୀ ରାସ୍ତାରେ ଜଳି ଉଠିଲାଣି, ତଥାପି ସେମାନେ ଛିଡ଼ା ହୋଇଥିଲେ । ସହସା କାହାର ଡାକରେ ରୂପସୀ ତଳ ସିଡ଼ି ଆଡ଼କୁ ଚାଲିଗଲା— ପ୍ରଶାନ୍ତ ଜାଣିଛି ଏ ବାଟରେ, ହେଲେ ଏ ଜାତା ପଛକୁ

ସେ ପସନ୍ଦ କରୁନାହିଁ — କାରଣ ଯୁବତୀର ପ୍ରତିଛବି ରହି ଯାଇଛି ସ୍ମୃତିରେ ତା'ର । ପ୍ରଶାନ୍ତ ନିଜ କୋଠରୀକୁ ଆସି ବାହାରକୁ ବୁଲି ଯିବାକୁ ପ୍ରସ୍ତୁତ ହୋଇ ପଡ଼ିଲା ମନର ଭାବନାକୁ ବଦଳାଇ ଦେବା ପାଇଁ । ରାସ୍ତା ଉପରକୁ ଆସି ସେ ଦେଖିଲା ଏବେ ବି ଝରକା ଖୋଲା ଅଛି । ଝରକା ଫାଙ୍କରେ ଅନାଇଲେ କାଳେ ରାସ୍ତାର ଲୋକ ଦେଖି କଣ ଭାବିବେ ଏଇ ଭାବନାରେ ମୁଣ୍ଡ ତଳକୁ କରି ସେଇ ରାସ୍ତାଟି ପାର ହୋଇ ଗଲା ।

ସାମାନ୍ୟ ଅସାବଧାନତା ଯୋଗୁଁ ଜଣେ ତାକୁ କହିଲା— ଭଲକରି ଚାଲନ୍ତୁ ବାବୁ— ନ ହେଲେ ଆକ୍ସିଡେଣ୍ଟ ହୋଇଯିବ । ମୁଣ୍ଡ ଉଠାଇ ପ୍ରଶାନ୍ତ ଦେଖିଲା ଏ ଆଉ କେହି ନୁହେଁ— ତା'ର ଅନ୍ତରଙ୍ଗ ବନ୍ଧୁ ଯତୀନ୍ଦ୍ର ।

ହାଲୋ— ଯତୀନ୍ଦ୍ର··· ତୁ ? କହି ହସିଲା ପ୍ରଶାନ୍ତ—

ହଁ ମୁଁ ନହୋଇ ଆଉକେହି ହୋଇଥିଲେ ତୋତେ ଆଜି ଅପଦସ୍ଥ ହେବାକୁ ପଡ଼ିଥାନ୍ତା ଯେ ? ଏପରି ଅନ୍ୟମନସ୍କର କାରଣ କଅଣ?

କିଛି ନୁହେଁ ଭାଇ— ପରୀକ୍ଷା ବିଷୟ ଭାବି ଯାଉଥିଲି କହିଲା ପ୍ରଶାନ୍ତ ନିଜର ଗୋପନ ଭାବନାକୁ ଚପାଇ ରଖି ।

ଆଚ୍ଛା ! ତୋର ତେବେ ଭାରି ଚିନ୍ତା ହେଲାଣି— ହଉ ଭାଇ ଆଜି ପାଇଁ ତୋର କିଛି ପ୍ରୋଗ୍ରାମ ଅଛି କି ?

ନା— କିଛି ନାହିଁ ।

ତେବେ ଚାଲ୍ ସିନେମା ଯିବା ।

ସବୁତ ଦେଖା ହୋଇ ଯାଇଛି— କହିଲା ପ୍ରଶାନ୍ତ ।

ପ୍ରଭାତ ଯିବା— 'ଆଶା' ପିକ୍ଚର ଆଜି ପଡ଼ିଛି ।

କେମିତି ହୋଇଛି ?

ହେବ ଆଉ କଅଣ ? ବୈଜୟନ୍ତୀ ମାଳା ଯେତେବେଳେ ଅଛି,

ଅନ୍ତତ ପକ୍ଷେ କେତେଟା ମନ ମୁଗ୍ଧକର ନାଚ ଥିବ ନିଶ୍ଚୟ ।

ଚାଲ ଯିବା— ହେଲେ ଡେର ଅଛି—

ଅଚ୍ଛା— ରେଷ୍ଟୁରେଣ୍ଟ ଯିବା— ଦୁଇ କପ୍ ଚା' ଖାଇ ନେବା ।

ଚାଲ— କହିଲା ପ୍ରଶାନ୍ତ ।

ଦୁଇଜଣ ରେଷ୍ଟୁରେଣ୍ଟ ଭିତରେ ପଶି ଦୁଇଟି ଚଉକି ଦଖଲ କରି ନେଲେ । ରେଷ୍ଟୁରେଣ୍ଟରେ ଆଜି ଭାରି ଭିଡ଼ ।

ଯତୀନ୍ଦ୍ର ବୟକୁ ଡାକି କିଛି ଜଳଖିଆ ଓ ଦୁଇକପ୍ ଚା'ର ବରାଦ ଦେଇ ଦେଲା । ଅନ୍ୟ ପାଖରୁ ଭାସି ଆସୁଥିଲା ପ୍ଲେଟ ଉପରେ ଚାମୁଚର ଘର୍ଷଣ ଧ୍ୱନି । ବିଜୁଳି ପଙ୍ଖା ତାର ଅଧିକାର ବିସ୍ତାର କରୁଥିଲା ସମସ୍ତଙ୍କ ଉପରେ ଥାଇ । ରେଡ଼ିଓର ସୁମଧୁର ରାଗିଣୀ ଝଙ୍କୃତ ହେଉଥିଲା । କାଉଣ୍ଟର ପାଖରେ ଜଣେ ସୁନ୍ଦରୀ ତରୁଣୀ ବସି ଗ୍ରାହକମାନଙ୍କୁ ଆକର୍ଷିତ କରୁଥିଲା ।

ଏ ତ ନ ଥିଲା ଏଠାରେ ? କହିଲା ପ୍ରଶାନ୍ତ—

ହଁ— କିଛିଦିନ ହେଲା ଆସିଛି । ଏଠି ପ୍ରତି ମାସରେ ଏକ ପରିବର୍ତ୍ତନ ଚାଲିଛି— କହିଲା ଯତୀନ୍ଦ୍ର

ସତରେ— ?

ଏପରି ନ ହେଲେ ବ୍ୟବସାୟ ଚଳିବ କିପରି ?

ସବୁ ଗ୍ରାହକ କଅଣ ଏଇଥି ପାଇଁ ଆସନ୍ତି ?

ନାହିଁ ତ ଆଉ କଅଣ ? ଏଇଥିପାଇଁ ତ ଭାଇ ଏଠି ବସିବାକୁ ଜାଗା ମିଳୁନି— ପାଖ ଦୋକାନର ତ ଆଜିକାଲି କେବଳ ମାଛି ହୁରୁଡ଼େଇବା କାମ । କଲେଜ ଫେରନ୍ତା, ଅଫିସଫେରନ୍ତା ବାବୁମାନେ ଏଇ ସୁନ୍ଦରୀ ତରୁଣୀକୁ ଅଧେ କେବଳ ଦେଖିବା ଆଶାରେ ଆସନ୍ତି ।

ପ୍ରଶାନ୍ତ ଯତୀନ୍ଦ୍ରର କଥା ଶୁଣି ଟିକିଏ ସ୍ଥିର ହୋଇ ଭାବିଲା ।

*

ବନ୍ଧୁ ଏଇ ଭିତରେ ଚା' ଆଣି ରଖି ଦେଇ ଗଲା ।
ଆଜି କଅଣ ଅଛି— କହୁଥିଲୁ ପଚାରିଲା ଯତୀନ୍ଦ୍ର
ଆଲୁଚପ୍, ସିଙ୍ଗଡ଼ା, ରସଗୋଲା—
ଏହା ପରେ ?
ଆପଣ ଯାହା ଚାହିଁବେ ।
ମୁଁ ଯାହା ଚାହିଁବି ମିଳି ପାରିବ— ସାମାନ୍ୟ ହସି ଇଙ୍ଗିତ କରି କହିଲା ଯତୀନ୍ଦ୍ର ।

ବନ୍ଧୁ ବାବୁଙ୍କ କଥା ବୁଝିପାରି ହସି ଦେଇ ଚାଲିଗଲା ।
ଯତୀନ୍ଦ୍ର ହସି ହସି ଚା କପ୍‌ରେ ମୁହଁ ଲଗାଇଲା— ଅବି ତା ସାଥିରେ ପ୍ରଶାନ୍ତ ମଧ୍ୟ ।

ତୁ ତାହା ହେଲେ ଗୋଟାଏ ଓସ୍ତାଦ ଅଛୁ ? କହିଲା ପ୍ରଶାନ୍ତ ତୋର ଉଦ୍ଦେଶ୍ୟ କଅଣ ? କାହା କଥା କହୁଛୁ— ମିସ୍ ମ୍ୟାନେଜର କଥା !

କ୍ଷତି ନାହିଁ— ତୋର ପସନ୍ଦ କପର ?
ମୋ ପସନ୍ଦ ସହିତ କଅଣ ଅଛି ?
ତୁ ଚାହୁଁ ? କହିଲା ଯତୀନ୍ଦ୍ର ।
ଜଣେ ଭଦ୍ର ମହିଳା ପ୍ରତି ତୋର ଏପରି ଧାରଣା ଏକାନ୍ତ ଅନୁଚିତ ଓ ଅସଙ୍ଗତ ।

ତେବେ ତୁ କହୁଛୁ ଏ ଗୋଟାଏ ଖାଣ୍ଟି ତୁଳସୀ ?
ହଁ ହୋଇଥାଇ ପାରେ ?

ଆରେ ଯା— ଏ ଯଦି ଭଲ ହୋଇ ଥାଆନ୍ତା ତେବେ ଗୋଟାଏ ହୋଟେଲ୍‌ରେ ବସି ଗ୍ରାହକମାନଙ୍କୁ ଆକର୍ଷଣ କରୁ ଥାଆନ୍ତା ତାହାଁକୁ ?

କିନ୍ତୁ ଭାଇ ତୋ କଥାରେ ମୁଁ ଆଦୌ ଏକମତ ନୁହେଁ—
କହିଲା ପ୍ରଶାନ୍ତ ।

କଅଣ ଏପରି ଝିଅଙ୍କୁ ନାଇଟ୍‌କ୍ଲବରେ, ପାର୍କରେ କିମ୍ବା ଟାଉନ ବସ୍‌ରେ ଦେଖିବାକୁ ପାଇବୁ ।

ସବୁ ଝିଅଙ୍କୁ ତୁ କଅଣ ଏକାପରି ଭାବୁଛୁ ? କହିଲା ପ୍ରଶାନ୍ତ ।

ଆଉ କଅଣ ଅଲଗା ଅଛନ୍ତି ଏ ବିଂଶ ଶତାବ୍ଦୀରେ ? ନିଜକୁ ପରୀ ପରି ସଜାଇ ଏମାନେ ନିର୍ବୋଧ ଯୁବକ ସହିତ ବେଶ୍ ଲୁଚି ଖେଳି ପାରନ୍ତି ।

ଭଗବାନ ଏ ପର୍ଯ୍ୟନ୍ତ ସେପରି ସୁଯୋଗ ଦେଇ ନାହାଁନ୍ତି ଆଉ ମଧ୍ୟ ଜୀବନରେ ଏପରି କ୍ଷେତ୍ରରେ ପ୍ରବେଶ ନ ହେଉ— ହସି ହସି କହିଲା ପ୍ରଶାନ୍ତ ।

ତୁ ନିହାତି ବୋକା— ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ନବ ଶିକ୍ଷିତ ଯୁବକ ମୁଖରୁ ଏପରି କଥା କେବେହେଲେ ଶୋଭା ପାଏନା । ସବୁ ବିଷୟରେ ଅଭିଜ୍ଞତା ଅର୍ଜନ କରିବାକୁ ହେଲେ ଆଜିଠାରୁ କାହାକୁ ହେଲେ ଗୁରୁ କରିବାକୁ ପଡ଼ିବ ।

ତୋ ଠାରୁ ବେଶୀ ଓସ୍ତାଦ ଆଉ କିଏ ଅଛି ?

ଦୁଇଜଣ ହସି ଉଠିଲେ ।

ଶୀଘ୍ର ଚା ଖାଇ ନେ— ଆଉ ମାତ୍ର ପନ୍ଦର ମିନିଟ ବାକି ।

ମୋର ପ୍ରାୟ ଶେଷ ହୋଇଛି— ଯିବାକୁ ପ୍ରସ୍ତୁତ ହୁଅ ।

ପ୍ରସ୍ତୁତ କଅଣ— ଫରୱାର୍ଡ୍ ମାର୍ଚ ଦରକାର । ଶୀଘ୍ର ଉଠିପଡ଼ି ଦୁଇଜଣ କାଉଣ୍ଟର ପାଖକୁ ଯାଇ ପଇସା ଦେଇ ବାହାରି ଆସିଲେ । ଯୁବତୀ ସେମାନଙ୍କ ଆଡ଼କୁ ଚାହିଁ ହସି ପଇସା ରଖିଲା । ବୁକିଂ ଅଫିସକୁ ଯାଇ ଯତୀନ୍ଦ୍ର ଦୁଇଟା ଫାଷ୍ଟକ୍ଲାସ ଟିକେଟ ଧରି ଆସିଲା ପ୍ରଶାନ୍ତ ପାଖକୁ ।

ଖେଳ ନୂଆ ଗୃହଟିଏ ଆଜି । ହଲ୍ ସାମନାରେ ବହୁ ଲୋକଙ୍କର ସମାବେଶ । ସମ୍ମୁଖ ଦ୍ୱାରଟି ଭିନ୍ନ ଭିନ୍ନ ରଙ୍ଗର ବିଜୁଳି ଆଲୋକରେ ରଞ୍ଜିତ । ଆଲୋକ ପାଖରେ ବୈଜୟନ୍ତୀ ମାଳା ଓ କିଶୋର କୁମାରଙ୍କର ଛବି ଟଙ୍ଗା ଯାଇଛି । ଆବାଳ ବୃଦ୍ଧ ବନିତା ସମସ୍ତଙ୍କ ମନରେ ଉତ୍କଣ୍ଠାର ଢେଉ । କେହି ମନୋରଞ୍ଜନ ଉଦ୍ଦେଶ୍ୟରେ ଆଉ କେହି ବା ପରିଶ୍ରାନ୍ତ ମନକୁ ଲଘବ କରିବା ପାଇଁ ଏକତ୍ରିତ ହୋଇଛନ୍ତି । ଲାଇନ୍ ଲାଗିଛି ମେନ୍ ରୋଡ ପର୍ଯ୍ୟନ୍ତ । ସ୍ୱାଧୀନ ଦେଶର ଜନତା— ଯାହାଙ୍କୁ ସିନେମା ଅଭାବରେ ଭାତ ରୁଚେ ନାହିଁ । ପ୍ରତ୍ୟେକ ଯୁବକ ରାଜକପୁର ଓ କିଶୋର କୁମାରଙ୍କର, ପ୍ରତ୍ୟେକ ଯୁବତୀ ବୈଜୟନ୍ତୀ ମାଳା ଓ ଶ୍ୟାମାଙ୍କର ଭଙ୍ଗୀ ଓ ପୋଷାକର ଅନୁକରଣ କରିବା ପାଇଁ ବ୍ୟଗ୍ର । ଯୁବକ ନିଜ ଘରୁ ଚୋରିକରି ଯାଉଛି ଅଭିନେତା ହେବା ପାଇଁ, ଆଉ ଫେରୁଛି ଖାଲି ପେଟରେ । ଯୁବତୀ ଅଭିନେତ୍ରୀ ସାଜିବାକୁ ଯାଇ ଫେରୁଛି ନିଜର ସର୍ବସ୍ୱ ନିଃଶେଷ କରି ।

ପ୍ରଶାନ୍ତ ଓ ଯତୀନ୍ଦ୍ର— ଫାଷ୍ଟ କ୍ଲାସ ସିଟ୍‌ରେ ବସି ଖେଳ ଦେଖିବାକୁ ଲାଗିଲେ ।

× ×

ଦଶଟା ବେଳେ ଘରକୁ ଫେରି ପ୍ରଶାନ୍ତ ପୂର୍ବ ଫରକା ଉପରେ ଆଖି ନ ପକାଇ ରହି ପାରିଲା ନାହିଁ । କୋଠା ଛାତ ଉପରର ଦୃଶ୍ୟ ତା ଆଖି ଆଗରେ କୁହେଳିକା ସୃଷ୍ଟି କରିଥିଲା ।

ସକାଳ ହୋଇ ଯାଇଛି । ଥଣ୍ଡା ପବନର ମୃଦୁ ହିଲ୍ଲୋଳ ଖେଳି ଯାଉଛି ବାୟୁ ମଣ୍ଡଳରେ । ପକ୍ଷୀମାନଙ୍କର ସୁମଧୁର ଧ୍ୱନି ରଜନୀ ଶେଷ ହେବାର ସୂଚନା ଦେଉଛି । ଶିଶିର ରଞ୍ଜିତ ଦୁବ ଘାସ ଉପରେ ଶହଳ ସୂର୍ଯ୍ୟର କିରଣ ପଡ଼ି ଅପୂର୍ବ ଶୋଭା ଧାରଣ କରିଛି ।

ପୃଥିବୀ ଉପରେ ଢାଳି ହୋଇ ପଡ଼ୁଛି ଗୋଟାଏ ଛୁଅଁରେ ମୁକ୍ତାବିନ୍ଦୁ ରାଶି । ମନ୍ଦିରମାନଙ୍କରେ ଘଣ୍ଟାଧ୍ୱନି ବାଜି ଉଠିଲା ।

ପ୍ରଶାନ୍ତକୁ ଡ଼ାକିଲେ ବାପା ।

ପ୍ରଶାନ୍ତ ମଶାରୀ ଭିତରେ କଡ଼ ଲେଉଟାଇ ପୁଣି ଶୋଇବାକୁ ଚେଷ୍ଟା କରୁଥିଲା ।

ବାପା ତାର ପୁଣି ଥରେ ଡ଼ାକି କହିଲେ ଉଠିଯା— ପ୍ରଶାନ୍ତ, ଦେଖ ସୂର୍ଯ୍ୟ ଉଇଁଲେଣି । ଏତେ ବେଳଯାଏ ଶୋଇ ରହିଛୁ କାହିଁକି? ତୋର କିଛି ଦେହ ଖରାପ ହେଲାକି ?

ପ୍ରଶାନ୍ତ ଦେହର ଚଦରକୁ ସଜାଡ଼ି ନେଇ ଭିଡ଼ି ମୋଡ଼ି ହୋଇ ବସିଲା । ଝରକା ଦେଇ ମନ୍ଦ ମନ୍ଦ ସମୀରଣ ପ୍ରଶାନ୍ତର ଅବସନ୍ନ ଶରୀର ଉପରେ ବାଧି ହୋଇଗଲା । ସେ ପୁଣି ଶୋଇ ପଡ଼ିଲା । କିଛି ସମୟ ପାଇଁ ଶୋଇ ରହି କଅଣ ସେ ଭାବୁଥିଲା ମନେ ମନେ, ସହସା ଉଠି ଠିଆ ହୋଇ ପଡ଼ିଲା ଏବଂ ତନ୍ଦ୍ରା ବିଜଡ଼ିତ ଚକ୍ଷୁ ଖୋଲିଗଲା କୌଣସି ଏକ ଅପୂର୍ବ ଦୃଶ୍ୟରେ । ତାଳିର ଯୁବତୀଟି ଅଟ୍ଟାଳିକାର ଗୋଟିଏ କଣରେ ବସି ରହି କଅଣ ଭାବୁଥିଲା । ପ୍ରଶାନ୍ତ ଦେଖିଲା ଯୁବତୀ ମନରେ ବୋଧହୁଏ ଶୋଚନା ରହି ଯାଇଛି— ଯୁବତୀର ପରିଧାନ ଥିଲା କଳା ଶାଢ଼ୀ ସହିତ କଳା ବ୍ଲାଉଜ୍ । ଗୋରା ଚକଚକ ଦେହକୁ କଳା ପୋଷାକ ତାକୁ ଆଜି ଖୁବ୍ ସୁନ୍ଦର ମାନୁଥିଲା । ଆଖିର ମାଦକତା ଗତ କାଲି ଠାରୁ ବଢ଼ି ଉଠିଛି ଦ୍ୱିଗୁଣିତ ହୋଇ । ପିପାସିତ ଯୌବନର ଅପୂର୍ବ ଆଶାକୁ ଯେପରି ଖୋଜି ଖୋଜି କୌଣସି କୂଳ କିନାରା ପାଇ ପାରୁନାହିଁ । ସକାଳର କଅଁଳିଆ ଖରାରେ ବସି ବୋଧହୁଏ ଯୁବତୀ ସ୍ମରଣ କରୁଥିଲା ।

ତାର ମସ୍ତକର ମସୃଣ କେଶରାଶି ଅସଂଯତ ଭାବେ ପିଠି ଉପରେ ବିଚ୍ଛିନ୍ନ ହୋଇ ପଡ଼ିଥିଲା । ଯେପରି ସେଇ କେଶ ଗୁଚ୍ଛ ସୂର୍ଯ୍ୟ କିରଣକୁ ଅପେକ୍ଷା କରି ରହିଛି କୌଣସି ବିରାଟ ଆଶାର ସଉଧ

ତୋଳ । ହଠାତ୍ ଯୁବତୀ ଉପରେ କଅଣ ଗୋଟାଏ ପଡ଼ିବାରୁ ସେ ଉଠି ପଡ଼ିଲା ସେଇ ସ୍ଥାନରୁ । ଅଳସ ଶରୀର ଚମକି ଉଠିଲା । ହାତ ଉପରୁ ପଣତଟି ଗୋଡ଼ ପାଖକୁ ଖସି ପଡ଼ିଲା । ଉନ୍ନତ ବକ୍ଷ ନାଚି ଉଠିଲା— ଭରା ଯୌବନ ସଚଳ ହୋଇ ଉଠିଲା— ପ୍ରଶାନ୍ତ ଉପରେ ଆଖି ପଡ଼ିବା କ୍ଷଣି ସେ ଲାଜରେ ମୁହଁଟି ତଳକୁ ପୋତି ଦେଲା ଯୁବତୀ ସୁଲଭ ଚପଳତାରେ । ପଣତକୁ ଟିକେ ଉଠାଇ ନେଇ ଅଧର କୋଣେ ଖେଳାଇ ଦେଲା କ୍ଷୀଣ ହସ ରେଖା । ପ୍ରଶାନ୍ତ ଯୁବତୀର ସୌନ୍ଦର୍ଯ୍ୟକୁ ଏକ ଲୟରେ ଦେଖି ଧୀରେ ଧୀରେ ହସୁଥିଲା । ଆଉ ଭାବୁଥିଲା ତା ନିଜଘର ଛାତ ଯଦି ଯୁବତୀର ଛାତକୁ ଲାଗି ଆଅନ୍ତା ତେବେ ସେ ଅକ୍ଳେଶରେ ଡେଇଁ ଚାଲି ଯାଆନ୍ତା ଏବଂ ଯୁବତୀକୁ ନିଜ ବାହୁ ପାଶରେ ଆବଦ୍ଧ କରି ରଖି ପଚାରନ୍ତା— ତୁମେ କପରି ମୌନ ରହି ପାରୁଛ ? ଯୁବତୀ ପ୍ରଶାନ୍ତର ବକ୍ଷ ଉପରେ ଲୋଟିଯାଇ କହନ୍ତା— ପ୍ରିୟ ମୋର— ମୁଁ ତୁମକୁ ହୃଦୟର ସହିତ ଭଲ ପାଇଛି । ତୁମେ ମୋ ସଚଳ ଶରୀର ଉପରେ ଯାଦୁ ମନ୍ତ୍ରର ପ୍ରଭାବ ବିସ୍ତାର କରି ସାରିଛ— ତୁମକୁ ଛାଡ଼ି ମୁଁ ଗୋଟିଏ ମୁହୂର୍ତ୍ତ ମଧ୍ୟ ରହି ପାରିବି ନାହିଁ । ଗୋଟିଏ ଚୁମ୍ବନରେ ପ୍ରଶାନ୍ତ ଯୁବତୀ କଥାର ଉତ୍ତର ଦେଇ ପାରନ୍ତା । ସତେ କଅଣ ତା'ର କଳ୍ପନା ବାସ୍ତବତାରେ ପରିଣତ ହେବ ?

ଧୀରେ ଧୀରେ ସୂର୍ଯ୍ୟ ଉଠି ଯାଉଥିଲେ— ଯୁବକ ଯୁବତୀଙ୍କର ଉତ୍କଣ୍ଠା ବଢ଼ାଇ ଦେଇ ।

ଦୁହେଁ ଦୁଇଜଣଙ୍କର ମନର ଗୋପନ କଥା ବୁଝିବାକୁ ଚେଷ୍ଟା କରୁଥିଲେ । ହସ, ଚାହାଣୀ ଦ୍ୱାରା ଭାବର ଆଦାନ ପ୍ରଦାନ ହେଉଥିଲା । କିଛି ସମୟ ପରେ ନବୀନା କିଶୋରୀ ଦୁଇହାତ ଉପରକୁ ଉଠାଇ ଚାଲିଗଲା । ପ୍ରଶାନ୍ତର ପ୍ରତି ନମସ୍କାରକୁ ଅପେକ୍ଷା ନ କରି ।

କ୍ରମେ ଘନିଷ୍ଠତା ବଢୁଥିଲା— ଗ୍ଲୁତ ଉପରେ ଅଧିକ ସମୟ କଟାଇବାର ସୁଯୋଗର ଅପେକ୍ଷାରେ ଥିଲେ ଦୁଇଜଣ । ଗ୍ଲଭ ଉପରେ କ୍ରମେ କ୍ରମେ ସାମାନ୍ୟ ଆଳାପ ଚାଲିଲା । ସମବୟସ୍କ ଯୁବକ-ଯୁବତୀଙ୍କର ସମାବେଶରେ ଯାହା ହୁଏ ସେହିପରି । ପ୍ରଶାନ୍ତ ଯୁବତୀ ବିଷୟରେ ସାମାନ୍ୟ ପରିଚୟ ପାଇଥିଲା ଯେ ସେ ଜଣେ ମଧ୍ୟବିତ୍ତ ଘରର ଝିଅ ।

ପ୍ରଶାନ୍ତ ପଢ଼ାଘରେ ବସି ଭାବୁଥିଲା ଯୁବତୀ କଅଣ ତାକୁ ସତେ ଭଲ ପାଏ ନା ଆଜିକାଲିର ଭଲ ପାଇବା ପରି ଛଳନା ଦେଖାଏ । ଯଦି ଛଳନା ହୁଅନ୍ତା ତେବେ ସେ ପ୍ରତିଦିନ ଅପେକ୍ଷା କରନ୍ତା କାହିଁକି ? ମନ ଖୋଲି ଆଳାପ କରନ୍ତା କାହିଁକି ? କେଜାଣି ସୁନ୍ଦର— ସୁବାସିତ ଫୁଲରେ ବିଷାକ୍ତ କୀଟ ଥାଆନ୍ତି— ଯଦି ସେଇ ଫୁଲ ଭିତରୁ ସେ ଗୋଟିଏ ହୋଇଥିବ । ବିଜ୍ଞାନ ଚନ୍ଦ୍ର ମଣ୍ଡଳରେ କଳା ଦାଗକୁ ଭିନ୍ନ ମତ କଲେ ମଧ୍ୟ ଭାରତର ପୁରାଣ "ଚନ୍ଦ୍ରରେ କଳଙ୍କ" ଆଖ୍ୟା ଦେଇ ଆସିଛି । ତେବେ କଅଣ ତାର ଶପଥ ଆଶା ବାଲି ବନ୍ଧ ପରି ଭୁସୁଡ଼ି ପଡ଼ିବ— ନାନା ପ୍ରକାର ଭାବନାରେ ହୃଦୟ ଆଲୋଡ଼ିତ ହୋଇ ଉଠୁଥିଲା ତାର । ବାହାରକୁ ଯାଇ ଏଥିରୁ ଶାନ୍ତ ହେବ ଭାବି ସେ ବହିଗୁଡ଼ିକ ଟେବୁଲ ଉପରେ ଫିଙ୍ଗି ଦେଇ ବାହାରି ପଡ଼ିଲା ।

× ×

ସେଦିନ ଥାଏ ରବିବାର— ବଜାର ବନ୍ଦ— ତେଣୁ ଅନ୍ୟ କେଉଁଆଡ଼େ ନ ଯାଇ ପ୍ରଶାନ୍ତ ସିଧା ସିନେମା ହଲ୍ ଆଡେ ଚାଲିଥିଲା । ସିନେମା ଆଡ଼େ ଯିବା ଉଦ୍ଦେଶ୍ୟ ମନଟା ଭୁଲାଇ ଦେଇ ସମୟ ଅତିବାହିତ କରିବା । ଅବଶ୍ୟ ଚିତ୍ର ଯାହା ଆଜିକାଲି ଆସୁଛି ଗୁଡ଼ିଏ ନଗ୍ନ ଚିତ୍ରଗୁଡ଼ିକରୁ ଶିକ୍ଷାର ଉପାଦାନ ଦୂରେ ଥାଉ— ଯୁବକ ଯୁବତୀଙ୍କର ଅଧୋପତନର ରାସ୍ତା ଖୋଲି ହୋଇ ଯାଉଛି । ଶସ୍ତା ଶପକୁ ନେଇ ରଙ୍ଗିନ ଚିତ୍ରରେ ମନୋରଞ୍ଜନ କରାଇ ପାରିଲେ ନିର୍ମାତା ଠାରୁ ଆରମ୍ଭ କରି ଅଭିନେତା ଅଭିନେତ୍ରୀ ବାହାଦୁରୀ ନେବେ ।

ପ୍ରଶାନ୍ତ ଟିକେଟ ଖଣ୍ଡେ ଆଣି ଫାଷ୍ଟକ୍ଲାସ ସିଟ୍ ଗୋଟିକରେ ବସି ପଡ଼ିଲା । ହଲର ଅନେକ ଲଭ ନ ଥାଏ । ନୀରବରେ ବସି ରହି ସଫା ପରଦା ଆଡ଼କୁ ଅନାଇଁଲା । ଆଖି ଅଧିକ ଗୋଲ ହୋଇଗଲା ପ୍ରଶାନ୍ତର । ବିସ୍ମୟ ବିସ୍ଫାରିତ ନୟନରେ ସେ ଚାହିଁ ରହିଲା ଏବଂ ଅଜାଣତରେ ତା ପାଟିରୁ ବାହାରି ପଡ଼ିଲା ଆପଣ ?

ମୁଁ — ହସି ହସି କହିଲା ଯୁବତୀ ଲଳିତ ଭଙ୍ଗୀରେ । ଏ ସିଟଟା ଖାଲି ଅଛି ତ ?

ହଁ ବସି ପଡ଼ନ୍ତୁ— କହିଲା ପ୍ରଶାନ୍ତ ।

ଯୁବତୀ ସିଟ ଦଖଲ କରି ପ୍ରଶାନ୍ତ ପଢୁଥିବା "ପତ୍ରିକା" ଉପରେ ଆଖି ପକାଇଲା ।

ଏହି ଯୁବତୀ ପ୍ରଶାନ୍ତର ଅପରିଚିତା ନୁହେଁ—

ସେଇ ତାର ପୂର୍ବ କଳ୍ପିତ ସ୍ୱପ୍ନପୁରୀର ରାଜକୁମାରୀ । ଏହା ପୂର୍ବରୁ ସେ କଳ୍ପନା-ପ୍ରେୟସୀକୁ ଏତେ ନିକଟରେ ପାଇ ନ ଥିଲା କେବେ । ଏବେ ପାଇ ମଧ୍ୟ ସାହସ କରି ମୁହଁ ଖୋଲି ଆଳାପ କରି ପାରୁନାହିଁ ସରମରେ । ବାସ୍ତବିକ— ଦୁର୍ଲ୍ଲଭ ପଦାର୍ଥକୁ ପାଇବା ସଙ୍ଗେ ସଙ୍ଗେ କେହି ବ୍ୟବହାରେ ଲଗାଇ ପାରେ ନାହିଁ— କାରଣ ଲୋକ ଆନନ୍ଦରେ ଅଧୀର ହୋଇ ସବୁ ଭୁଲିଯାଏ । କଟି ଯାଉଥିଲା କେତୋଟି ନୀରବ ମୁହୂର୍ତ୍ତ— ଯୁବତୀ ପତ୍ରିକାଟି ଉପରେ ଆଖି ବୁଲାଇ ନେଇ କହିଲା ଏ ଫଟୋ କାହାର ?

କାହାର ହୋଇଥାଇ ପାରେ ?

ଏ ଫଟୋ ତ ଆପଣଙ୍କର— ଠିକ୍ ଗୋଟାଏ ଲେଖା ଉପରକୁ ବାହାରିଛି କହି ଯୁବତୀ କାଗଜ ଉପରକୁ ଝୁଙ୍କି ପଡ଼ି କହିଲା— ମୁଁ ପଢ଼ି ପାରେକି ?

ନେଇ ପାରନ୍ତି— କହି ପ୍ରଶାନ୍ତ କାଗଜଟିକୁ ଟେକିଦେଲା ଯୁବତୀ ହାତରେ । ପ୍ରଶାନ୍ତର ଅଙ୍ଗୁଠି ଯୁବତୀର ହାତ ସ୍ପର୍ଶ କରିବା ବେଳେ ଖେଳିଗଲା ତା ଦେହରେ ଗୋଟାଏ ଅପୂର୍ବ ଶିହରଣ— ଚମକି ପଡ଼ିଲା ପ୍ରଶାନ୍ତ । ଜୁଆର ଉଠିବା ପୂର୍ବରୁ ସମୁଦ୍ର ଯେଉଁପରି ଶାନ୍ତ ରହିଥାଏ ସେହିପରି ଦୁଇଜଣଙ୍କର ମନ ଶାନ୍ତ ହୋଇଗଲା । ଯୁବତୀ କାଗଜ ଉପରେ ଆଖି ବୁଲଉଥିଲା ବେଳେ ପ୍ରଶାନ୍ତ ତାର ସୌନ୍ଦର୍ଯ୍ୟକୁ ମନ ପୂରାଇ ଦେଖି ନେଉଥିଲା— ଯାହା ନେଇ ସେ ଘଣ୍ଟା ଘଣ୍ଟା ଧରି ଘାଟ ଉପରେ ଅପେକ୍ଷା କରିଛି, ଏବେ ନିକଟରେ ପାଇ ସେ କଅଣ ଦେଖିବ ନାହିଁ— ଆଖି ଆଖିର ମିଳନ, ଅଧରର ସ୍ମିତ ହାସ୍ୟ । ପୁଣି ଆଖି ଆଖିର ଅସ୍ପଷ୍ଟ ଇଙ୍ଗିତରେ ନୀରବ ଆକର୍ଷଣ ।

ଆପଣଙ୍କ ନାମ ପ୍ରଶାନ୍ତ ବାବୁ ନା ?

ଠିକ୍ କହୁଛନ୍ତି—

କାଗଜଟା ଏବେ ଦେଖୁଥିଲେ କାହିଁକି ?

ସମୟ କଟାଇବା ପାଇଁ ?

ଆଉ କଣ ?

ନା— ଏଇ ଗପଟି ଉପରେ ଯେଉଁ ଲେଖକଙ୍କର ନାମ ଓ ଫଟୋ ରହିଛି ଆପଣ ତାଙ୍କୁ ଜାଣନ୍ତି ?

ନା—

ଅଚ୍ଛା ପ୍ରଥମ ପୃଷ୍ଠାରେ ଯେଉଁ ବହିର ବିଜ୍ଞାପନ ବାହାରିଛି ଆପଣ ସେଇ ଲେଖକଙ୍କୁ ଜାଣନ୍ତି ?

ନା ଚିହ୍ନି ପାରିଲି— କହିଲା ପ୍ରଶାନ୍ତ ।

ଆପଣ ତ ନିଜେ ଲେଖକ । ମିଥ୍ୟାର ଆଶ୍ରୟ ନେଉଛନ୍ତି କାହିଁକି ?

ସ୍ୱଭାବ ଦୋଷରୁ— କହିଲା ପ୍ରଶାନ୍ତ ।

ଏପରି କଥାରେ ଯୁବତୀ ହସି ଉଠିଲା— ପ୍ରଶାନ୍ତ ମଧ୍ୟ ଟିକେ ନ ହସି ରହି ପାରିଲା ନାହିଁ ।

ବହିଟି କିପରି ହୋଇଛି ?

ପାଠକ ଯେପରି ମତ ବ୍ୟକ୍ତ କରିବେ—

ଯୁବତୀ ହସି ହସି ଶୁଣୁଥିଲା— ଶେଷରେ କହିଲା ଆପଣଙ୍କ ସହିତ ସାକ୍ଷାତ ଭାଗ୍ୟର କଥା ।

କାହିଁକି ? ମୁଁ ଲେଖକ ବୋଲି— ଆପଣ ଭୁଲ ବୁଝିଛନ୍ତି— ଯେଉଁ ଦେଶରେ ଲେଖକର ସମ୍ମାନ ନାହିଁ— ସେପରି ଦେଶରେ ଲେଖକମାନେ ବାଇଗଣ ପରିବା ଠାରୁ ମଧ୍ୟ ମୂଲ୍ୟହୀନ ।

ସେ ଯାହା ହେଉ— ଲେଖକ ଚିରଦିନ ଲେଖକ ହୋଇ ରହିବ— ଏ ତାର ଜନ୍ମଗତ ଦାବୀ ।

ହେଉ— ଆପଣଙ୍କ ସହିତ ସାକ୍ଷାତ ମଧ୍ୟ କମ୍ ଭାଗ୍ୟ ନୁହେଁ ମୋ ପକ୍ଷରେ ।

ମୋ ସହିତ ଦେଖା ହେବା ମାମୁଲି କଥା— କିନ୍ତୁ ଆପଣଙ୍କ ଭଳି ଜଣେ ଉଦୀୟମାନ ଲେଖକଙ୍କ ସହିତ ଦେଖା ହେଲାଣି ଯେତେବେଳେ ଆଉ କିଛି ନ ମିଳିଲେ ମଧ୍ୟ ବହି ଖଣ୍ଡେତ ପଢ଼ିବାକୁ ମିଳିବ ?

ତା ତ ନିଶ୍ଚୟ— କିନ୍ତୁ ବହି ଦେଲେ ତ ?

ଲେଖକମାନେ କଅଣ ଏତେ କଠୋର ହୋଇ ପାରିବେ ? ଅନ୍ୟ କାହା ପାଖରେ ନ ହେଲେ ମଧ୍ୟ ଅନ୍ତତଃ ଆପଣଙ୍କ ପାଖରେ ହେବାକୁ ପଡ଼ିବ କହି ପ୍ରଶାନ୍ତ ସାମାନ୍ୟ ହସିଲା ।

ନା ତା ହେବ ନାହିଁ ବୋଧହୁଏ—

ଏପରି କଥାରେ ଦୁଇଜଣ ହସି ଉଠିଲେ ।

ଏଇ ଭିତରେ ନିଉଜ୍ ରିଲ୍ ଆରମ୍ଭ ହୋଇ ଯାଇଛି । ଉଭୟେ କିଛି ସମୟ ପାଇଁ ନୀରବ ହେଲେ— ଦୁଇଜଣଙ୍କର ଆଖି ଏକା-ବେଳକେ ପଡ଼ିଲା ପରଦା ଉପରେ ।

ପ୍ରଶାନ୍ତ ଭାବୁଥିଲା ଯୁବତୀ ଲାସ୍ୟମୟୀ ଓ ମେଳାପୀ ମଧ୍ୟ । କିଛି ସମୟ ପରେ ପ୍ରଶାନ୍ତ ହାତ ଦେଖାଇଲା ନିକଟରେ ବସିଥିବା ଏକ ପୌଢ଼ା ସ୍ତ୍ରୀ ଲୋକଟି ଆଡ଼େ ।

ଯୁବତୀ ପ୍ରଶାନ୍ତର ଇଙ୍ଗିତକୁ ବୁଝିପାରି କହିଲା— ମା ଆସିଛନ୍ତି ।

ନମସ୍କାର କରି ପ୍ରଶାନ୍ତ ଅପେକ୍ଷା କଲା ପୌଢ଼ାଙ୍କ କଥାକୁ ।

ପୌଢ଼ା ଯୁବତୀ ଆଡ଼କୁ ଚାହିଁ କହିଲେ ବାବୁ କଅଣ କରନ୍ତି ?

ପ୍ରଶାନ୍ତ ଉତ୍ତର ଦେଲା—ବି.ଏ. ପଢୁଛି ।

ତୃତୀୟ ଘଣ୍ଟା ବାଜି ଉଠିଲା । ବତୀ ଲିଭିଗଲା ।

ଦୁଇଜଣଙ୍କର ଆଖି ପୁଣି ପଡ଼ିଲା ପରଦା ଉପରେ ।

ପ୍ରଶାନ୍ତର ମୁଣ୍ଡ ଉପରେ ଭାବନାର ବୋଝ । ସେ ଭାବୁଥିଲା କିପରି ସେ ଶୀଘ୍ର ଆକର୍ଷିତ ହୋଇ ପଡ଼ିଲା ଯୁବତୀ ନିକଟକୁ । ଯୁବତୀର ନିଶ୍ଚୟ କିଛି ଭଲ ଗୁଣ ଅଛି । ତାକୁ କଅଣ ଜୀବନର ସାଥି ରୂପେ ଗଢ଼ି ପାରିବ ସେ ? ଏ ପ୍ରଶ୍ନର ଉତ୍ତର କିଏ ଦେବ ? ତାର ବାପା କେବେ ହେଲେ ଏ ମିଳନ ଘଟାଇ ଦେବେ ନାହିଁ । ଯାହା ହେଉ ଦେଖାଯିବ । ନାରୀ ହୋଇ ସେ ଯେତେବେଳେ ଆହ୍ୱାନ କରୁଛି— ସେ ପଛେଇବ କାହିଁକି ? ବାହାରେ ଲୋକେ କହିବେ, କହନ୍ତୁ— ଲୋକଙ୍କ କଥା ଉପରେ ନଜର ଦେଲେ ସଂସାରରେ ମଣିଷ ବଞ୍ଚିବ କିପରି ? ନାରୀ ଜାତି ଯେତିକି ସରଳ ସେତିକି ପରିମାଣରେ କଠୋର ମଧ୍ୟ । ପୁରୁଷର ମିଠା କଥାରେ ଭୁଲି ସେମାନେ ନିଜର ସର୍ବସ୍ୱ ଅର୍ପଣ କରି ଦେଲା ପରେ ଯେତେବେଳେ ବୁଝି ପାରନ୍ତି ଯେ ସେ ଠକି ଯାଇଛନ୍ତି— ନିରାଶ ହୋଇ ମସ୍ତିଷ୍କ

ଫଣିଣୀ ପରି ଗର୍ଜି ଉଠନ୍ତି । ହେଲେ ସମାଜର ଇଙ୍ଗିତରେ ବାଧ୍ୟ ହୋଇ ଜୀବନ ହରାଇ ଦଅନ୍ତି— ଏହା ଦୈନନ୍ଦିନ ଘଟଣା । ଯେଉଁମାନେ ସରଳା ଯୁବତୀଙ୍କୁ ଏଇ ପଥରେ ଚଳାଇ ନେଇ ଥାଆନ୍ତି— ସେଇମାନେ ମଧ୍ୟ ସମାଜ ସହିତ ହାତ ମିଳାଇ ଭାସ୍କଲର ହସ ହସନ୍ତି । କଦର୍ଯ୍ୟ ଇଙ୍ଗିତ କରିବାକୁ ଟିକିଏ ହେଲେ ସଙ୍କୋଚ ବୋଧ କରନ୍ତି ନାହିଁ ।

ତଥାପି ନାରୀ— ଅତି ସରଳା, ଅନ୍ତରରେ ଅଛି ସ୍ନେହ, ମମତା । ସହଜରେ ବିଶ୍ୱାସ କରି ଯାଆନ୍ତି । ଯେ ତାଙ୍କର ମନ କିଣି ନେଇ ପାରିଲା ତାଆରି ଆଡ଼କୁ ଢଳି ପଡ଼ନ୍ତି । ପ୍ରେମ ଗୋଟାଏ ଇଲେକ୍ଟ୍ରିକ୍ କରେଣ୍ଟ ଭଳି । ଏଇ ପ୍ରେମ ଯେତେବେଳେ ବିଷାକ୍ତ ହୋଇ ଉଠେ ନାରୀ ସେତେବେଳେ ସମସ୍ତ ସ୍ନେହ ମମତାକୁ ଭୁଲି କଠୋର ହୋଇ ଉଠେ । ପୂର୍ବର ସ୍ନେହ, ସରାଗ ତା ଆଖିରେ ଦେଖା ଦଏ ଅତି ତୁଚ୍ଛ ।

ଭାବନା ସମୁଦ୍ର ଭିତରେ ବୁଡ଼ି ରହିଲା ପ୍ରଶାନ୍ତ । ଚଳଚ୍ଚିତ୍ର ଦେଖିବା ଭିତରେ ସେ କେତେ ଥର ଚଳନ୍ତି ପ୍ରତିମା ଉପରେ ଆଖି ବୁଲାଇ ନେଇଥିଲା । ପ୍ରଶାନ୍ତ ସାହସ ସଞ୍ଚୟ କରି ନିଜର ହାତ ମିଳାଇ ଦେଲା ଯୁବତୀର ହାତ ସହିତ । ଯୁବତୀ ଆଡୁ କୌଣସି ଆପତ୍ତି ନ ଦେଖି ପ୍ରଶାନ୍ତ ନିଜ କାମରେ ଆଉ ପାଦେ ଆଗେଇ ଯିବାକୁ କୁଣ୍ଠାବୋଧ କଲା ନାହିଁ । ହାତ ସହିତ ହାତ ମିଶି ରହିଥିଲା ଇଣ୍ଟର-ଭାଲ୍ ପର୍ଯ୍ୟନ୍ତ । ହଲ୍ ଭିତର ସରଗରମ ହୋଇ ଉଠିଲା । ପ୍ରଶାନ୍ତ ବୟକୁ ଡାକି ତିନି କପ୍ ଟି'ର ବରାଦ ଦେଲା । ଆଦେଶ ଅନୁସାରେ ବୟ ଟି ଆଣି ପ୍ରତ୍ୟେକଙ୍କ ହାତରେ ଗୋଟିଏ ଗୋଟିଏ କପ୍ ଧରାଇ ଦେଲା ।

ଏକ୍ଷଣି ଟି'ର କଅଣ ଦରକାର ଥିଲା ?— କହିଲା ଯୁବତୀ

ମନ ଟିକିଏ ହାଲୁକା ହୋଇଯିବ ତ ?— କହିଲା ପ୍ରଶାନ୍ତ

ଗୋଟିଏ ବିଷୟ ଆପଣ ମୋଠୁ ଲୁଚାଇଲେ କାହିଁକି ?

କେଉଁ କଥା— କହି ଯୁବତୀ ପ୍ରଶାନ୍ତର ମୁହଁକୁ ଅନାଇଲା ।

ନାଁଟା ମୋତେ କହିଲେ ନାହିଁ ଯେ ?

କ୍ଷମା କରନ୍ତୁ— ମୋର ଭୁଲ ହୋଇ ଯାଇଛି— ମୋ ନାଁ ସୁପ୍ରିୟା ।

ବେଶ୍ ରୁଚିକର, କିନ୍ତୁ ସେଥିରୁ ପ୍ରଥମ ଅକ୍ଷରଟି ବାଦ ଦେଲେ ଆହୁରି ଅଧିକ ରୁଚିକର ହୁଅନ୍ତା ।

ତାହା ଆପଣଙ୍କ ହାତରେ କହି ସୁପ୍ରିୟା ହସିଲା । ପ୍ରଶାନ୍ତ ମଧ୍ୟ ହସି ଉଠିଲା ଯୁବତୀ ସାଥିରେ । ହଲ୍ ଭିତରେ ଅନ୍ଧାର ଖେଳିଗଲା । ଚଳଚିତ୍ର ଚାଲିଲା । ଦୁଇଜଣଙ୍କର ଆଖି ପଡ଼ିଲା ପରଦା ଉପରେ । କିନ୍ତୁ ଅନ୍ୟ ଅବୟବ କାର୍ଯ୍ୟବ୍ୟସ୍ତ ରହିଗଲା । ପ୍ରାୟ ନଅଟା ବେଳେ ଖେଳ ଶେଷ ହେଲା ।

ସମସ୍ତେ ଆସ୍ଥାନ ଛାଡ଼ି ଉଠିଲେ ବାହାରକୁ ଯିବା ପାଇଁ ।

ଏମାନେ ବସି ରହିଲେ ଭିଡ଼ କମିଗଲେ ଯିବା ପାଇଁ ।

ଆପଣ ଆମ ଘରକୁ ଥରେ ଯିବେ ନାହିଁ— ଅତି ନମ୍ର ଭାବେ ପଚାରିଲା ସୁପ୍ରିୟା ।

ଯିବା ପାଇଁ ତ ଇଚ୍ଛା ଅଛି, କିନ୍ତୁ ଆପଣଙ୍କ ଅନୁରୋଧ ଭିତରେ ଆନ୍ତରିକତା କେତେ ଅଛି ଅପେକ୍ଷା କରୁଛି ଜାଣିବାକୁ ।

ତେବେ ମୋର ଆନ୍ତରିକ ଇଚ୍ଛା ନୁହେଁ ବୋଲି ଆପଣ ଭାବୁଛନ୍ତି ?

ନା— ତା ନୁହେଁ ଯେ, ଅନ୍ୟମାନେ କାଲେ କଅଣ ଭାବିବେ ? ଲେଖକ କଅଣ ଏତେ ଦୁର୍ବଳମନା ।

ନିଶ୍ଚୟ ଯିବି— କହି ପ୍ରଶାନ୍ତ ନୀରବ ହେଲା ।

ଆପଣଙ୍କ ଆସିବା ପଥକୁ ମୁଁ ଚାହିଁ ଥିବି ଆଉ ଆପଣ ନ ପହଞ୍ଚିଲେ ମୋତେ ଭାବିବାକୁ ହେବ ଆପଣ ମୋ ନିମନ୍ତ୍ରଣକୁ ଉପେକ୍ଷା କରିଛନ୍ତି ।

ନା— ଏତେଦୂର ଭାବିବାକୁ ପଡ଼ିବ ନାହିଁ, କହିଲା- ପ୍ରଶାନ୍ତ ।
ତା ହେଲେ କେବେ ଆସୁଛନ୍ତି ?
ସମୟ ହେଲେ—
କାଲି ଆସନ୍ତୁ— ଅଉ ସମୟ କଅଣ ଠିକ୍ କରିବେ ?
ଆସିବାର ଇଚ୍ଛା ଥିଲେ ସମୟ ଆପେ ଆପେ ମିଳିଯିବ, କହିଲା ସୁପ୍ରିୟା ଆବେଗ ଭରା କଣ୍ଠରେ ।
ଆଚ୍ଛା କାଲି ଯିବି । ଏବେ ଉଠନ୍ତୁ ବାହାରକୁ ଯିବା ।

ଭିଡ଼ କମିଯାଇଛି । ଦୁଇଜଣ ହଲ୍ ଭିତରୁ ବାହାରି ଗଲେ । ସୁପ୍ରିୟା ଓ ତାର ମା ଗୋଟିଏ ରିକ୍ସାରେ ବସିଲେ । ପ୍ରଶାନ୍ତ ଅନ୍ୟ ରିକ୍ସାରେ ବସି ପଡ଼ିଲେ । ପ୍ରଶାନ୍ତର ମନ ଭିତରଟା ଡାଙ୍କି ହୋଇ ଯାଇଛି ସୁପ୍ରିୟାର ସ୍ମୃତିରେ । ତାହାର ମନଭୁଲା କଥା, ସରଳ ଗୃହିଣୀ, ଆଗ୍ରହ ସାନ୍ନିଧ୍ୟତା । କେଉଁଠି ଅଛି ରହିଲା କପଟ ? ଏ ତ କପଟ ନୁହେଁ, ଘନିଷ୍ଠ ଆନ୍ତରିକତା । ସୁପ୍ରିୟା ଠାରୁ ଏପରି ବ୍ୟବହାର ପାଇବ ବୋଲି ସେ ଆଶା କରି ନ ଥିଲା । ସୁପ୍ରିୟାକୁ ଦେଖିଲେ ମନେ ହୁଏ ସେ କେବେ ଅସଚ୍ଚରିତ୍ରା ନୁହେଁ । ତାହାର ସରଳ କଥା ଏବେ ସୁଦ୍ଧା ମନ ଭିତରେ ଉଙ୍କି ମାରୁଛି । ତାର ମନ ସ୍ୱଚ୍ଛ, ନିର୍ମଳ । ପ୍ରଶାନ୍ତ ଜୀବନରେ ଏପରି ସୁଯୋଗ କେବେ ପାଇଁ ଆସି ନ ଥିଲା । କୌଣସି ନାରୀର ମନ ସହିତ ନିଜର ମନକୁ ସାଥିକରିବା ପାଇଁ ଯେଉଁ ନାରୀ କ୍ଷୀଣ କଟାକ୍ଷପାତରେ ଆପଣାର ମଧୁର ଏବଂ ମନଭୁଲା କଥାରେ ଯୁବକକୁ ଭୁଲାଇ ପାରେ, ନିଜର ପ୍ରେମ ଜାଲରେ ପକାଇ ପାରେ, ଯେ ଉଚ୍ଛଳା ଯୌବନରେ ଯୁବକ ମନକୁ ଆକର୍ଷଣ କରିପାରେ, ଶେଷକୁ ଧରା ନ ଦେଇ ଯୁବକ ମନରେ ହା ହୁତାଶର ଝଡ଼ ଉଠାଇ ଦେଇ ନିଶ୍ଚିନ୍ତରେ ଅନ୍ୟ ଆଡ଼େ ମୁହଁ ଫେରାଇ ନିଏ, ସେପରି ନାରୀ ସହିତ ପ୍ରେମ କରିବା କେବଳ ତୋଫାନର ଧୂଳିପରି ।

କିନ୍ତୁ ସୁପ୍ରିୟାର ବ୍ୟବହାର ଅଲଗା— ପ୍ରଶାନ୍ତ ଭାବିଲା ସୁପ୍ରିୟାର କିଲା ଏପରି ଗରିବ ଘରେ କାହିଁକି ? ତା ସହିତ ନିଜକୁ ବାନ୍ଧି ଦେବା କଅଣ ଉଚିତ ହେବ ନାହିଁ ? ନା ସେ ନିଶ୍ଚୟ ସୁପ୍ରିୟାର ଘରକୁ ଯିବ— ନିମନ୍ତ୍ରଣ ରକ୍ଷା କରିବ । ସୁପ୍ରିୟା ତାକୁ ଖୁବ୍ ସମ୍ମାନ କରେ । ଜଣେ ସାଧାରଣ ବନ୍ଧୁ ହିସାବରେ ସେ ଦେଖେ ନାହିଁ । ତା ନିଜ ଘରର ଲୋକମାନଙ୍କ ଅପେକ୍ଷା ପ୍ରଶାନ୍ତକୁ ସେ ଭକ୍ତିକରେ ମଧ୍ୟ । ସୁପ୍ରିୟା ଯେ ସୁପ୍ରିୟା, ସେ ତାର ନାମକୁ ସାର୍ଥକ କରୁଛି ।

× ×

ଆଜ ପ୍ରଶାନ୍ତ ଉଠିଲା ବେଳକୁ ଘଣ୍ଟାରେ ଠନ୍ ଠନ୍ ହୋଇ ନଅ ବାଜିଲା । ପ୍ରଶାନ୍ତ ଆଖି ଖୋଲି ଭାବିଲା— ଅଜ କେତେ ଶୋଇ ପଡ଼ିଲା ସେ ? ସୂର୍ଯ୍ୟ ଆସି ମୁଣ୍ଡ ଉପରେ ହେଲେଣି । ସକାଳ ନିତ୍ୟକର୍ମ ଶେଷ କରି ପୋଷାକ ବଦଳାଇ ଦେଲ । ହାତରେ ନୋଟ ବୁକ୍ ଧରି ସାଇକେଲ ବାହାର କରି ରାସ୍ତାକୁ ଉଠିଲା— କଲେଜ ଯିବ ବୋଲି । ସାଇକେଲ ଉପରେ ଉଠିଲା ବେଳକୁ ଦେଖେ ଯେ ପମ୍ପ ନାହିଁ— ବାଧ୍ୟ ହୋଇ ଫେରି ଆସି ବାଇକ୍ ଘରେ ରଖି ଦେଇ ବାହାରି ପଡ଼ିଲା ଟାଉନ ବସ୍ ଉଦ୍ଦେଶ୍ୟରେ ।

କିଛି ସମୟ ଅପେକ୍ଷା କଲା ପରେ ସେ ସିଗାରେଟ ଜଳାଇ ରେଷ୍ଟୁରେଣ୍ଟ ଭିତରେ ପଶିଲା ।

ଚୁହା ଅଣ ।

ବେହେରା ଚ୍ହ' ଆଣି ଟେବୁଲ ଉପରେ ରଖି ଦେଇ—ପଚ୍ଚରିଲା ଆଉ କିଛି ଦରକାର ହେବନି ?

ନା— କହି ଚ୍ହ କପରେ ମୁହଁ ଲଗାଇଲା ପ୍ରଶାନ୍ତ । ସେଇ ଗରମ ଭିତରେ ମନରେ ଖେଳିଗଲା ଗତର ଘଟଣା ଗୁଡ଼ିକ ।

ହାଲୋ— ପ୍ରଶାନ୍ତ କହି ଦୋକାନ ଭିତରକୁ ପଶିଲା ସନ୍ତୋଷ ।

ନଂ........
ତା........

ଏଠି କାହିଁକି ?
ବସକୁ ଅପେକ୍ଷା କର ?
ସାଇକେଲ ?
ବିଚାରର ଶରୀର ଅସୁସ୍ଥ, ହସି ହସି କହିଲା ପ୍ରଶାନ୍ତ ।
ଚା ଚଳିବ ଏବେ ?
ନା—ମୁଁ ଏଇକ୍ଷଣି ଖାଇ ଆସୁଛି । ତୋତେ ଘରେ ନ ପାଇ ଏଠିକି ଆସିଲି ।
ପ୍ରଶାନ୍ତ ସିଗାରେଟ ଜଳାଇ ଆଉ ଗୋଟିଏ ଯତୀନ୍ଦ୍ରକୁ ଧରାଇ ଦେଲା ।
ପ୍ରଶାନ୍ତ ଯତୀନ୍ଦ୍ରକୁ କହିଲା— ଆଜି କ'ଣ କଲେଜ ଯିବୁ ନାହିଁ କି ?
ନା—
କାହିଁକି ?
କିଛି କାମ ଅଛି ଘରେ ।
ଆରେ ପଢ଼ିବାକୁ ମଧ୍ୟ ଗୋଟାଏ ବିଶେଷ କାମ ବୋଲି ଭାବିବା ଦରକାର ।

ସମସ୍ତେ ଯଦି ଗଙ୍ଗାସ୍ନାନ କରି ମୁକ୍ତି ପାଇବେ, ତେବେ ସଂସାରରେ ଆଉ ରହିବ କିଏ ? ସମସ୍ତେ ପାସ୍ କରିଗଲେ ବେକାର ସଂଖ୍ୟା ବଢ଼ି ଉଠିବ ସିନା ? ଦୁଇଜଣ ହସି ଉଠିଲେ । ତା' ପର ଆସ୍ଥାନ ଛାଡ଼ି ଉଠି ଚାଲିଲେ ରାସ୍ତା ଉପରକୁ । ପ୍ରଶାନ୍ତ ବସ୍‌ରେ ବସିଲା କଲେଜ ଯିବା ଉଦ୍ଦେଶ୍ୟରେ । କଲେଜରେ ଠିକ୍ ସମୟରେ ପହଞ୍ଚିଲା ପ୍ରାୟ ଚାରିଟାରେ । ସମସ୍ତେ କଲେଜ ହତା ଛାଡ଼ି ନିଜ ନିଜର ଗନ୍ତବ୍ୟ ପଥରେ ଆଗେଇଲେ ।

ପ୍ରଶାନ୍ତ ମଧ୍ୟ ରାସ୍ତା ଉପରକୁ ଆସି ଟାଉନ ବସ୍‌କୁ ଅପେକ୍ଷା କଲା । ଏତିକି ବେଳେ ଷ୍ଟେସନ ଆଡ଼ୁ ଗୋଟିଏ ନେଳି ରଙ୍ଗର

ଡାକ୍ତ ଅସି ତା ପାଖରେ ଠିଆ ହେଲା । ନାରୀ କଣ୍ଠରୁ ଭାସି ଆସିଲା—ହାଲୋ, ପ୍ରଶାନ୍ତ ବାବୁ ନମସ୍ତେ ! ପ୍ରଶାନ୍ତ ନମସ୍ତେ କହି ଭିତରକୁ ଅନାଇ ଦେଖିଲା ବସିଛନ୍ତି ଅଞ୍ଜଳୀ ହସ ହସ ମୁହଁରେ ।

ଅଭିଯାନ କେଉଁ ପର୍ଯ୍ୟନ୍ତ ଥିଲା ?

ଆଜି କେଉଁଆଡ଼େ ହେବ ? ବାପାଙ୍କୁ ଭୁବନେଶ୍ୱରରେ ଛାଡ଼ି ଦେଇ ଏଇ ଫେରୁଛି ଯେ ।

ତା ପର କଅଣ ଗାଡ଼ିର ଦରକାର ପଡ଼ିଲା ନାହିଁ ତାଙ୍କର ?

ତାଙ୍କ ପାଇଁ ତ ସରକାରୀ ଜିପ୍ ଅଛି— ଆଜି ଏ ଗାଡ଼ି ସେଠି ରହିଲେ ମୁଁ ଚଳିବି କିପରି ?

ହଁ ଠିକ୍ କଥା । ତୁମ ହାତରେ ଗାଡ଼ି ନ ଥିଲେ ମୁଁ ଆଜି ଘରକୁ ଯାଆନ୍ତି କିପରି ?

ଦୁହେଁ ହସି ଉଠିଲେ ।

ହେଉ ଭିତରକୁ ଆସନ୍ତୁ କହି ଅଞ୍ଜଳୀ କାର୍ ଷ୍ଟାର୍ଟ ଦେଲା । ପିଚୁ ରୋଡ଼ ଉପରେ ରିକ୍ସାଗୁଡ଼ିକୁ ପଛରେ ପକାଇ ଦେଇ ଉଡ଼ି ଚାଲିଥିଲା ନୂଆ ଏମ୍ବାସଡ଼ର କାର୍ ଖଣ୍ଡିକ ।

ମୋ ଗାଡ଼ିରେ ଆସିବାକୁ ଆପଣଙ୍କର ଇଚ୍ଛା ନ ଥିଲା ?

ଗାଡ଼ି ଯେତେବେଳେ ଆସି ପାଖରେ ଛିଡ଼ା ହେଲା ନ ଉଠନ୍ତି କିପରି ? ତା ପରେ ନୀରବ ହେଲା ପ୍ରଶାନ୍ତ ।

ଅଞ୍ଜଳୀ କହିଲା— ଚୁପ୍ ହୋଇ ବସି ରହିଲେ କାହିଁକି— କଅଣ କିଛି ଖରାପ ଲାଗୁଛି ?

ଖରାପ ଲାଗିବ ? ପୁଣି ଅଞ୍ଜଳୀ ଦେବୀଙ୍କ ସାନ୍ନିଧ୍ୟରେ ?

ହସି ଉଠିଲେ ଦୁଇଜଣ ।

ବହୁଦିନ ପରେ ଆଜି ଆପଣଙ୍କ ସହିତ ଦେଖା, କହିଲା ଅଞ୍ଜଳୀ । ଖାଲି ଦେଖା ନୁହେଁ ଦେବା, ସହଯାତ୍ରୀ ମଧ୍ୟ ।

ତୋର ଦେଖା ସଦାବେଳେ ମିଳି ପାରିବ, କିନ୍ତୁ ଆପଣ ଆଜିକାଲି ପଢ଼ାରେ ଏତେ ବ୍ୟସ୍ତ ଯେ ମାସକେ ଥରେ ମଧ୍ୟ ଆମ ଘରେ ଯାଇ ପାରୁ ନାହିଁ । ଅନର୍ସ ଷ୍ଟୁଡେଣ୍ଟ ଯେତେବେଳେ ଆମ କଥା ମନେ ପଡ଼ିବ କାହିଁକି ?

ହସିଦେଇ ଅଞ୍ଜଳୀ ଟର୍ନ ଦେଲା ।

ଦେଖା ମିଳିବା ତ ଅତି ସହଜ କଥା, କିନ୍ତୁ ଭୟ ଲାଗୁଛି ।

କାହିଁକି ? ମୁଁ କଅଣ ବାଘ ନା ଭାଲୁ ?

ତା ନୁହେଁ ଯେ, ଏତେ ସ୍ପିଡରେ ଗାଡ଼ି ଚଲାଇବା ଦେଖି ।

ଓଃ ଏଇ ସ୍ପିଡ ଦେଖି ଆପଣ ଭୟ କରି ଗଲେଣି । ଭୁବନେଶ୍ୱର ରାସ୍ତାରେ ଗାଡ଼ି ଚାଲୁଥିଲା ବେଳେ ଆପଣ ତା' ହେଲେ କହିବେ ଓହ୍ଲାଇ ଯିବା ପାଇଁ ।

ହ— ଆଧୁନିକା ଯୁବତୀ ଆପଣ ? ତେଣୁ ଗାଡ଼ିର ଗତି ଅତି କମରେ ଷାଠିଏ ମାଇଲ୍ ହେବା ଉଚିତ ।

ବିଂଶ ଶତାବ୍ଦୀର ଯୁବକ ହେବା ପୁଣ୍ୟ, ଆଉ ଯୁବତୀ ହେବା କଅଣ ପାପ ?

ନା— ମୁଁ କଅଣ ତା କହିଲି ?

ଆକ୍ଷେପଟା କିନ୍ତୁ ସେଇ ଧରଣର ?

ଚଳେଇବାଟା ଟିକିଏ ଶିଖେଇ ଦେଲେ ହୁଅନ୍ତା ନାହିଁ ?

ଚଳେଇବା ତ ଜାଣନ୍ତି, ଆଉ କଅଣ ଚଳେଇବା ଶିଖିବେ ?

ଚଳେଇ ଜାଣିଲେ ମଧ୍ୟ ଏତେ ସ୍ପିଡ୍ ଦେଇ ଆସେ ନାହିଁ ।

ଷ୍ଟିଅରିଂ ଜୋରରେ ଧରି ସ୍ପିଡ୍ ଦେଲେ ହେଲା କହି ହସିଲା ଅଞ୍ଜଳୀ, ପ୍ରଶାନ୍ତ ମୁହଁକୁ ଅନାଇ ।

ବେଶୀ ସ୍ପିଡ୍ ଦେଲେ ଯଦି ଷ୍ଟିଅରିଂରେ କରେଣ୍ଟ ଉଠିବ ?

ଏ ଇନସୁଲେଟର ଯେ । ଏଥିରେ କରେଣ୍ଟ ପାସ୍ କରେ ନାହିଁ, ଉଭୟ ହସି ଉଠିଲେ । ପ୍ରଶାନ୍ତ ନିଜ ଉପରକୁ ସାମାନ୍ୟ ଆଉଜାଇ ଆଣିଲା ଅଞ୍ଜଳୀକୁ ।

ଅରେ ! ଷ୍ଟିଅରିଙ୍ଗ ହାତରୁ ଖସିଯିବ ଯେ ?

ନା— ତୋର ଅଛି ହାତ ।

ମୋ କଥା ମୋତେ ବଦଳାଇ ଦେଇ କହିଲେ ନା ?

ସେମିତି ସମୟେ ସମୟେ କୁହାଯାଏ ?

ପ୍ରଶାନ୍ତ ବାବୁ !

ଅଞ୍ଜଳି !

ସିନେମା ଗଲେ ହୁଅନ୍ତା ନାହିଁ ?

ତା ହେଲେ ଗାଡ଼ି ଉଡ଼ାଣ ଉଠାଇ ନେବ ଦେଖୁଛି ।

ଯାଃ, ସଦାବେଳେ ପରିହାସ !

ମୋଟେ ନୁହେଁ ।

କଅଣ ଯିବ କି ନାହିଁ କହିଲ ?

ଆଜି ସିନେମା ଯିବା ଅପେକ୍ଷା ଆଉ କେଉଁଆଡ଼େ ଟିକିଏ ବୁଲିଗଲେ ଚଳନ୍ତାନି ?

ଆପଣଙ୍କ କଥା ହେଉ— ଗାଡ଼ି ତେବେ ବୁଲାଉଛି ?

କେଉଁ ଦିଗକୁ ଯିବା ?

ସେଇ ଭୁବନେଶ୍ୱର ରାସ୍ତା ଆପଣଙ୍କୁ ଭଲ ନା ?

ଅପଣଙ୍କୁ ଆଉ ଖରାପ ହୋଇଥିବ ?

ଗାଡ଼ି ବନ୍ଦ କରନ୍ତୁ, ସାମାନ୍ୟ ଜଳଯୋଗର ବ୍ୟବସ୍ଥା ହେବ ।

ଏଠି ବନ୍ଦ କରିବା କାହିଁକି ? ଏବେ ନୂଆ ହୋଇ ଇଣ୍ଡିଆନ ହୋଟେଲ ପ୍ରତିଷ୍ଠିତ ହୋଇଛି ଜାଣନ୍ତି ନା ? ସେଇଠି ଖାଇ ନେବା ।

ହେଉ ।

ଗାଡ଼ି ଯାଇ ଇଣ୍ଡିଆନ ହୋଟେଲ ସାମନାରେ ବ୍ରେକ୍ କଷିଲା ।

ଦୁହେଁ କାରରୁ ଓହ୍ଲାଇ ଯାଇ ହୋଟେଲ ଭିତରେ ପଶିଲେ ।

ଅଞ୍ଜଳୀ ପାଦ ଖସାଇ ଚାଲିବାରୁ ପ୍ରଶାନ୍ତ କହିଲା— ଧୀରେ, ପାଦ ଖସିଯିବ ଯେ ?

ହଉ ଆପଣ ଅଛନ୍ତି ତ ?

ହସି ହସି ଦୁହେଁ ଦୁଇଟି ଚଉକିର ଆଶ୍ରୟ ନେଲେ ।

ଅଞ୍ଜଳୀ । ଜଣେ ବିଶିଷ୍ଟ ଧନୀ ଅଫିସର ଏକମାତ୍ର କନ୍ୟା । ଦୁଃଖ ଓ ଅଭାବ ଯେ କଅଣ ବୁଝି ନାହିଁ । ଥାର୍ଡ ଇଅର ପର୍ଯ୍ୟନ୍ତ ସେ ପ୍ରଶାନ୍ତ ସହିତ ପଢ଼ୁଥିଲା । କଲେଜ ଜୀବନରେ ଉଭୟେ ବେଶ୍ ସୁନ୍ଦର ଭାବେ ମିଶି ପାରିଥିଲେ । ଜଣକ ପାଖରେ ଅନ୍ୟ ଜଣକର କୌଣସି ସଂକୋଚ ନଥିଲା । ଅଞ୍ଜଳୀର ଅବା କେଉଁ କଥାକୁ ଖାତିର ଅଛି ? କେହି ତାକୁ ଅଟକି କହେ ନାହିଁ— ଯଥେଷ୍ଟ ସ୍ୱାଧୀନତା ଭିତରେ ସେ ଜୀବନ କଟାଉଛି । ଯେତେବେଳେ ଯାହା ଚାହେଁ ସେତେବେଳେ ତାହା ପାଇବା ପାଇଁ ବେଶୀ କଷ୍ଟ କରିବାକୁ ତାକୁ ପଡ଼େନା ।

ବନ୍ଧୁ ! ବଡ଼ଲୋକ କାଇଦାରେ ଡାକିଲା ଅଞ୍ଜଳୀ ।

ଦୁଇ କପ୍ ଓଭାଲ୍‌ଟିନ୍ ଓ ଆଉ କିଛି ଜଳଖିଆ ।

ବନ୍ଧୁ ଆଣି ଟେବୁଲ୍ ଉପରେ ରଖି ଦେଇ ଗଲା ।

ଆରମ୍ଭ ହେଉ— କହିଲା ଅଞ୍ଜଳୀ ।

ପ୍ରଶାନ୍ତ ମିଠାରୁ ଖଣ୍ଡେ ପାଟିରେ ଦେଲା ।

ଗୋଟିଏ କଥା ପଚାରିବି ?

ପଚାରି ପାର ।

ଉତ୍ତର ଦେବା ପାଇଁ ପ୍ରସ୍ତୁତ ଅଛନ୍ତି ତ ?

ପ୍ରଶ୍ନଟା ଆଗ ହେଉ— ତା ପର ଦେଖାଯିବ ?

ବାସ୍ତବିକ ଆପଣଙ୍କ ପ୍ରତ୍ୟେକ କଥା ଶୁଣିବାକୁ ମିଠା ଲାଗେ, କହିଲା ଅଞ୍ଜଳୀ ।

ଟାଙ୍କର ଗ୍ରାହକ ହେଲେ ସିନା ଟଙ୍କିବ ?

ଭଲ ଜିନିଷ ଥିଲେ ଯେଉଁପରି ଗ୍ରାହକ ହେଲେ ମଧ୍ୟ ପସନ୍ଦ କରିବ ନିଶ୍ଚୟ ।

ସମସ୍ତେ ଯଦି ଚାହିଁବେ ତେବେ ନେବ କିଏ ?

ଯା'ର ଆଗ୍ରହ ବେଶୀ ସେ ନେବ ।

ତା ହେଲେ ଗୁଡ଼ୁନା ବୋଧହୁଏ ?

ଧରା ଦେଇଛନ୍ତି ଯେତେବେଳେ ଆଉ କଅଣ ଖସିଯିବେ ?

ଖସିବା ପାଇଁ ତ ଇଚ୍ଛା ନୁହେଁ କିନ୍ତୁ ରଖି ପାରିଲେ ତ ?

ଆପଣ ବେଶ୍ କଥାକୁ ବାଟେଇ ଦେଇ ପାରନ୍ତି ?

ତୁମେ ବା କମ୍ ନୁହଁ— ହସି ଉଠିଲେ ଦୁଇଜଣ ।

ବାସ୍ତବିକ ମୁଁ ଆପଣଙ୍କ ପଥକୁ ଏତେ ସ୍ନେହ ଚକ୍ଷୁରେ ଅନାଇଲା ବେଳେ ଆପଣ ଉପେକ୍ଷା କରି ଗୁଲାଛନ୍ତି କାହିଁକି ?

ଆପଣଙ୍କ ଘର ତ ମୋ ଘର ପାଖରେ ନୁହେଁ ଆଉ ଚାହିଁ ରହିଲେ କେତେବେଳେ ?

ଯା— ସଦାବେଳେ ସେଇ ପରିହାସରେ ମୋ କଥାଗୁଡ଼ାକ ଉଡ଼ାଇ ଦେଉଛନ୍ତି । ମୋ କଥାରେ କଅଣ କିଛି ଗୁରୁତ୍ୱ ନାହିଁ?

ନିଶ୍ଚୟ ଅଛି କିନ୍ତୁ ସମୟ ନେଇ ।

ତେବେ ମୋ ପାଇଁ ଏଣିକି କିଛି ସମୟ ବ୍ୟୟ କରିବେ ।

ପ୍ରଥମେ ବଜେଟ୍ ପ୍ରସ୍ତୁତ କରିବାକୁ ପଡ଼ିବ ।

ଅନ୍ୟ ହେଡ୍‌ରୁ କମାଇଲେ ହେଲା ।

ହଁ ଯେତେବେଳେ ଏତେ ଜୋର ଦିଆଯାଉଛି, ନିଶ୍ଚୟ କିଛି ସମୟ ରଖିବାର ବ୍ୟବସ୍ଥା କରାଯିବ ।

ଆପଣଙ୍କର କଅଣ ମୋଟେ ଇଚ୍ଛା ଥିବନି ?

ନ ରହିଲେ ପଭ ବଜେଟ୍ ପ୍ରସ୍ତୁତ ହେବ କିପରି ?

ଏପରି ଉତ୍ତରରେ ଅଞ୍ଜଳି ନ ହସି ରହି ପାରିଲା ନାହିଁ । ତେଣୁ ସେ କଥାର ଗତି ବଦଳାଇ କହିଲା— ମୁଁ ଦୁନିଆରେ ଅନେକ ଲୋକ ଦେଖିଛି କିନ୍ତୁ ଆପଣଙ୍କ ପରି ଲୋକ ବିରଳ। ଏ କଥା ସ୍ପଷ୍ଟ ସ୍ୱୀକାର କରିବାକୁ କେବେହେଲେ ପଶ୍ଚାତ୍ପଦ ହେବି ନାହିଁ ।

ଅଞ୍ଜଳିର ପ୍ରତ୍ୟେକ କଥାର ଉତ୍ତର ଦେବାପାଇଁ ପ୍ରଶାନ୍ତ ବିଳମ୍ବ କରେ ନାହିଁ । ତା ମୁହଁରୁ କଥା ଶେଷ ହେବା ପୂର୍ବରୁ ପ୍ରଶାନ୍ତ ଉତ୍ତର ଦେଇଦିଏ । ଅଞ୍ଜଳୀ ମଧ୍ୟ ପ୍ରଶାନ୍ତର ଏପରି ବ୍ୟବହାରରେ ବେଶ ଆନନ୍ଦ ପାଏ ଏବଂ ଗର୍ବ କରେ ମଧ୍ୟ ।

ଜଳଯୋଗ ଶେଷ ହେଲା ।

ଅଞ୍ଜଳୀ ଓ ପ୍ରଶାନ୍ତ ହାତ ଧରାଧରି ହୋଇ ଆସି କାର୍‌ରେ ବସିଲେ ।

ଡ୍ରାଇଭର ଛାଡ଼ି ଗାଡ଼ି ଭୁବନେଶ୍ୱର ରାସ୍ତା ଧରିଲା ।

କେତେ ଦୂର ଯିବା ?

ଆପଣଙ୍କ ଇଚ୍ଛା !

ବେଶୀ ବିଳମ୍ବ ହେଲେ ଆପଣଙ୍କୁ କେହି କୈଫିୟତ ମାଗିବେ ନାହିଁ ତ ?

ନା— ମୋର ସେପରି କେହି ନାହିଁ, ଆପଣଙ୍କର ଅବା ଥାଇ ପାରନ୍ତି ।

ମୁଁ ବାବାଙ୍କୁ ଛାଡ଼ିବାକୁ ଯାଇଥିଲି— ଫେରିଲା ବେଳକୁ ଯେ ହେଲେ କହିଦେବି ଭୁବନେଶ୍ୱରରୁ ଫେରୁଛି ବୋଲି ।

ବ୍ୟବସ୍ଥାଟା ଉତ୍ତମ ।

ଆଚ୍ଛା ପ୍ରଶାନ୍ତ ବାବୁ ଏ ବର୍ଷ କଲେଜ ହାଲ୍‌ଚାଲ୍ କଅଣ ?

ହାଲଚାଲ ସେପରି କିଛି ନୁହେଁ । ଆପଣ କଲେଜ ଛାଡ଼ିବା ଦିନରୁ ସବୁ ସ୍ତବ୍ଧ ନୀରବ ।

କଲେଜରେ କଅଣ ଆଜି ଓଳହ୍ନ ନାହାଁନ୍ତି ?

ଅଛନ୍ତି କେତେ ? କିନ୍ତୁ ସମସ୍ତେ ତ ଆଜି ଆପଣଙ୍କ ପରି ମୋ ସହିତ ବନ୍ଧୁତା କରିବାକୁ ଆସୁ ନାହାଁନ୍ତି ?

ତେବେ ଚେଷ୍ଟା କରୁ ନାହାଁନ୍ତି ।

ଅବସର ନାହିଁ ।

ଏଇ ବର୍ଷ ତେବେ ଭଲ ନମ୍ବର ରଖି ଡିଗ୍ରୀ ନେଉଛନ୍ତି ?

ଚେଷ୍ଟା କରୁଛି ତ ।

ଚେଷ୍ଟା ଆଉ କଅଣ ? ମୁଁ ପଢ଼ିଥିଲେ ନିଶ୍ଚୟ ଡିଗ୍ରୀ ଅଣି ଥାଆନ୍ତି । ଆପଣଙ୍କ ପରି ଲୋକ କେବେ କଅଣ ହତୋତ୍ସାହ ହୋଇପାରେ ?

ଭାଗ୍ୟର କଥା ତ !

ନ ପଢ଼ି ଭାଗ୍ୟକୁ ଆଧାରିଲେ କଅଣ ହେବ ? ପଢୁଛନ୍ତି ଯେପରି ପାସ୍ କରିବେ ସେପରି ?

ନିଶ୍ଚୟ ।

ତମର ତୁଣ୍ଡ ସୁତୁଣ୍ଡ ହେଉ !

ଗାଡ଼ି ଚାଲିବା ଭିତରେ ଅଞ୍ଜଳୀ ପଚାରିଲା— କେତେ ବାଜିଲାଣି କି ?

ସାତଟା ଚାଲିଛି··· ଘଡ଼ିକି ଅନାଇ କହିଲା ପ୍ରଶାନ୍ତ ।

ଏଥର ଫେରିଯିବା ।

ତମ ଇଚ୍ଛା ।

ଥଣ୍ଡା ଅସି ଗଲାଣି— ଆଉ ବେଶୀ ସମୟ ରହି ହେବନି ।

ତେବେ ମୋ ପାଖକୁ ଲାଗି ଅସନ୍ତୁ ।

ମୁଁ ତ ଷ୍ଟିଅରିଙ୍ଗ ଧରିଛି— ଆପଣ ଆସୁ ନାହାଁନ୍ତି ।

ଉତ୍ତର ପାଇ ପ୍ରଶାନ୍ତ ଅଉଜି ଆସିଲା ଅଞ୍ଜଳୀ ଉପରକୁ ।

ଅଞ୍ଜଳୀ ପ୍ରସ୍ତୁତ ଥିଲା ସେଥିପାଇଁ— ଖୁସି ମନରେ ସେ ଗାଡ଼ି ଫେରାଇଲା ।

ଏଇଠି ରଖନ୍ତୁ । ଅଞ୍ଜଳୀ ବ୍ରେକ କଷିଲା । ପ୍ରଶାନ୍ତ ଗାଡ଼ିରୁ ଓହ୍ଲାଇ ପଡ଼ିଲା ।

କାଲି ସଞ୍ଜବେଳେ ଯେପରି ପୁଣି ଦେଖା ହୁଏ ହୋଟେଲରେ ?

ନିଶ୍ଚୟ !

ବିଦାୟ କାଳୀନ ନମସ୍କାର ଦେଇ ଅଞ୍ଜଳୀ ଗାଡ଼ି ଷ୍ଟାର୍ଟ ଦେଲା । ପ୍ରଶାନ୍ତ ଚାଲିଲା ଘର ଆଡ଼େ ।

× ×

ନିଜର କହିବା ଅନୁସାରେ ପ୍ରଶାନ୍ତ ସେଦିନ ସୁପ୍ରିୟା ଘରକୁ ଯାଇ ପାରି ନାହିଁ । ସୁପ୍ରିୟା ବହୁତ ଅନୁରୋଧ କରିଥିଲା । ତଥାପି ତା'ର ସାହସ ହୋଇନି ଯିବାପାଇଁ । ସୁପ୍ରିୟା ତା ଜୀବନରେ ମାଡ଼ି ଆସିଛି ଗୋଟାଏ ଝଡ଼ ରୂପରେ । ପ୍ରଶାନ୍ତ ଆଜି ପର୍ଯ୍ୟନ୍ତ କୌଣସି ନାରୀ ସହିତ ଘନିଷ୍ଠତା ବଢ଼ାଇବାର ସୁଯୋଗ ପାଇ ନ ଥିଲା— କିନ୍ତୁ ଏଇ କେତୋଟି ଦିନର ପରିଚୟରେ ସୁପ୍ରିୟା ସହିତ ଘନିଷ୍ଠତା ବରଂ ଜମି ଉଠିଛି । ପ୍ରଶାନ୍ତ ଚାହେଁ ଜୀବନଟା ସାରା ସୁପ୍ରିୟା ସହିତ କଟାଇ ଦେବାପାଇଁ, କିନ୍ତୁ ସ୍ତ୍ରୀଜାତିଙ୍କର ପ୍ରକୃତି ଅତି ଚଞ୍ଚଳ । କେତେବେଳେ କଅଣ ହୋଇପାରେ ? ନା— ସୁପ୍ରିୟା ସେହି ଶ୍ରେଣୀର ନୁହେଁ । ତାର କଥା— ଚାଲିଚଳଣି ଦେଖିଲେ କେହି କହିବ ନାହିଁ ଯେ ସେ ପ୍ରତାରଣା କରୁଛି । ସେ ମଧ୍ୟ ଚାହିଁଛି ଗୋଟିଏ ଅତି ନିବିଡ଼ତର ବନ୍ଧୁତାର ସାନିଧ । ସେ ମିଠା କଥା କହି ସବୁଗ ବୋଲା ଚାହାଣୀ ପକାଇ କାହାକୁ ନିଜର କବଳକୁ ଅଣିବା ଲାଗି ଚେଷ୍ଟା କରୁନାହିଁ । ସେ ଚାହେଁ କେବଳ ପ୍ରଶାନ୍ତକୁ । ଦୁଇ ତିନିଦିନ ପରେ ପ୍ରଶାନ୍ତ ଦେଖିଲା— ସୁପ୍ରିୟା ଛାତ ଉପରେ ଠିଆ ହୋଇଛି । ପୂର୍ବପରି ସବୁଗ

ନାହିଁ ମନରେ । ସେ ବୋଧହୁଏ ଭାବୁଥିବ ପ୍ରିୟ ତା'ର ଠକି ଦେଉଛି । ନିମନ୍ତ୍ରଣକୁ ଉପେକ୍ଷା କରୁଛି । ଅସ୍ତଗାମୀ ସୂର୍ଯ୍ୟଙ୍କର ରକ୍ତିମା ଝଲକ ସୁପ୍ରିୟା ମୁହଁ ଉପରେ ପଡ଼ି ଅଦ୍ଭୁତ ଲାଲ ହୋଇ ଉଠିଛି । କ୍ରମେ କ୍ରମେ ସୂର୍ଯ୍ୟ ବୁଡ଼ି ଯାଉଥିଲେ ଆଉ ମାଡ଼ି ଆସୁଥିଲା ଅନ୍ଧାର ନୃତ୍ୟରତା ହରିଣୀ ପରି । ସୁପ୍ରିୟାର ଶରୀର ଲୁଚିଗଲା ଅନ୍ଧାର ଭିତରେ । ପ୍ରଶାନ୍ତ ଘାଟ ଉପରୁ ଆସି ବୁଲିଯିବା ପାଇଁ ବାହାରି ପଡ଼ିଲା । ପାନ ଦୋକାନ ପାଖରେ ଦେଖା ହେଲା ଯତୀନ୍ଦ୍ର ।

ଯତୀନ୍ଦ୍ର ପଚାରିଲା— ଅଭିଯାନ କେଉଁଆଡ଼େ ବନ୍ଧୁ ?

ସେପରି କିଛି ପ୍ରୋଗ୍ରାମ ନାହିଁ ।

ମୁଁ ସିନେମା ଯାଉଛି ଆ— ଯିବା— କହିଲା ଯତୀନ୍ଦ୍ର ।

ନା— ଭାଇ ମୁଁ ଟିକିଏ ବଜାରକୁ ଯିବି ।

ଅଚ୍ଛା— ତେବେ ମୁଁ ଚାଲିଲି କହି ଯତୀନ୍ଦ୍ର ବିଦାୟ ନେଲା ।

ପ୍ରଶାନ୍ତ ପାନ ଧରି ଦୁଇ ଚାରି ପାଦ ଆଗେଇଛି କି ନାହିଁ, ଗୋଟିଏ ପିଲା କହିଲା— ଆଜ୍ଞା ଆପଣଙ୍କୁ ଦେଈ ଡାକୁଛି ।

ଅଚ୍ଛା ଚାଲ୍ କହି ପ୍ରଶାନ୍ତ ବାଳକଟିର ପିଛା ଧରିଲା ।

ନମସ୍ତେ— ସୁପ୍ରିୟା ଦୁଇ ହାତ ଟେକି ନମସ୍କାର ଜଣାଇଲା ।

ପ୍ରଶାନ୍ତ ମଧ୍ୟ ପ୍ରତି ନମସ୍କାର ଦେବାକୁ ଭୁଲି ନ ଥିଲା ।

ଏପରି ଠିଆ ହୋଇ ରହିଲେ ଯେ ?

ହେଉ ବସୁଛି କହି ପ୍ରଶାନ୍ତ ବସି ପଡ଼ିଲା । ସୁପ୍ରିୟା ମଧ୍ୟ ଏଇ ଭିତରେ ଆସନ ଦଖଲ କରି ନେଇଥିଲା ।

ପ୍ରଥମେ ସୁପ୍ରିୟା କଥା ଆରମ୍ଭ କଲା— ଆପଣ ଏ ସାହିରେ କେବେଠୁଁ ରହିଲେ ?

ପ୍ରାୟ ଦୁଇ ତିନି ମାସ ହେବ ।

ମୁଁ ତ ଏଇ କେତେଠା ଦିନ ହେଲା ଆପଣଙ୍କୁ ଦେଖୁଛି ।

ମୁଁ ଏଠାରେ ବେଶୀ ସମୟ ରହେ ନାହିଁ, ରହିଲେ ବି ନିଜର ପଢ଼ାପଢ଼ି ନେଇ ବ୍ୟସ୍ତ ଥାଏ ।

ଏଇ ରାସ୍ତାରେ ଗଲାବେଳେ ମୁଁ ଅପଣଙ୍କୁ କେତେ ଥର ଦେଖିଛି । ମୁଁ ଦେଖିଛି ଆପଣ ଅନ୍ୟ ଲୋକଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଏଇ ଝରକା ପାଖରେ ବସି ମୁଁ ଅପଣଙ୍କ ଯିବା ପଥକୁ ଅନାଇ ଥାଏ ।

ସତେ ? କହିଲା ପ୍ରଶାନ୍ତ ।

କିନ୍ତୁ ଆପଣ ଭୁଲରେ ମଧ୍ୟ ଚାହାଁନ୍ତି ନାହିଁ । କେଜାଣି କାହିଁକି, ମୋର ମନ କ୍ରମେ ଆପଣଙ୍କ ପ୍ରତି ଆକୃଷ୍ଟ ହୋଇ ପଡ଼ିଲା । ମୁଁ କାହିଁକି ଅପଣଙ୍କ ଯିବା ପଥକୁ ଅନାଇ ରହେଁ ତା ମଧ୍ୟ ମୋର ଧାରଣାର ଅତୀତ । ବହୁ ଚେଷ୍ଟା କରି ମଧ୍ୟ ଭୁଲି ପାରେ ନାହିଁ— ବେଳେ ବେଳେ ମନ ଭାରି ଦୁଃଖୀ ହୁଏ, କାରଣ ଆପଣ ଆଦୌ ମୋ ଆଡ଼କୁ ଚାହାଁନ୍ତି ନାହିଁ ।

ଗୌରବାନ୍ୱିତ ମନେ କରି ପ୍ରଶାନ୍ତ କହିଲା— ଯାହା ହେଉ ଏତେ ଦିନେ ଆପଣଙ୍କ ଆକର୍ଷଣ ମୋତେ ଟାଣି ଆଣିଛି ।

ସେଦିନ ତ ଆପଣ ଝୁବ୍ ଆସିଲେ ?

ଆସିବାକୁ ବହୁ ଇଚ୍ଛା ଥିଲେ ମଧ୍ୟ ସାହସ ହେଲା ନାହିଁ ।

ମୁଁ ଯେତେବେଳେ ଆପଣଙ୍କୁ ଡ଼ାକିଲି, ଆପଣଙ୍କର ଭୟକରିବାର କ'ଣ ଥିଲା ?

ହେଲେ ମଧ୍ୟ କେତେକ କଥା ଭାବିବାକୁ ପଡ଼ିଲା ।

ଏଣିକି ଆଉ ଭାବିବେ ନାହିଁ ତ ?

ଦେଖାଯିବ । ଘରେ କେହି ନାହାଁନ୍ତି କି ?

ନା— ମା କୁଆଡ଼େ ଯାଇଛି— ଛୋଟ ଭାଇଟି ଆପଣଙ୍କୁ ଡ଼ାକି ଦେଇ ଖେଳିବାକୁ ଚାଲିଗଲା ।

ଏଇଟା ତେବେ ବେଶ୍ ସୁଯୋଗ ।

ସୁପ୍ରିୟା ହସି ଦେଲା ।

ସାମାନ୍ୟ କେତେ କଥା ପରେ ସୁପ୍ରିୟା ପଚାରିଲା— ଆପଣ ବିବାହିତ ନା ?

ନା—

ସେ ସମୟ କଅଣ ଆସି ନାହିଁ ?

ସମୟ ଆସିଲେ ବି ସୁଯୋଗ୍ୟା ଜୀବନ-ସଙ୍ଗିନୀର ଅଭାବ ।

ଯଦି ମିଳନ୍ତି ?

ମିଳିଲେ ସାଦରେ ଗ୍ରହଣ କରି କାଳଯାତ୍ରା ପଥର ପଥିକ ହେବାକୁ ପଡ଼ିବ ।

ଏଥର ସୁପ୍ରିୟା ହସି ଦେଇ, ନାରୀ ସୁଲଭ ଚାହାଁଣୀ ଚାହିଁଲା ପ୍ରଶାନ୍ତ ଉପରେ ।

ବହୁତ ବେଳ ହେଲାଣି କହି ପ୍ରଶାନ୍ତ ବିଦାୟ ନେଇ ଆସିଲା ସୁପ୍ରିୟା ଠାରୁ ସେଦିନ ପାଇଁ ।

ପ୍ରଶାନ୍ତ ଚାଲିଯିବା ପରେ ସୁପ୍ରିୟା ପଲଙ୍କ ଉପରେ ଶୋଇ ପଡ଼ିଲା । ଅସରନ୍ତି ଭାବନା ତାର ମନକୁ ଆନ୍ଦୋଳିତ କରୁଥିଲା । ହୋଟେଲର ରେଡ଼ିଓରୁ ଭାସି ଆସୁଥିଲା ସଙ୍ଗୀତର ଝଙ୍କାର । ସୁପ୍ରିୟା ହୃଦୟ ଚହଲି ଯାଉଥିଲା ଭାବନାର ଉତ୍ତାଳ ତରଙ୍ଗରେ ଠିକ୍ ସଙ୍ଗୀତର ସ୍ୱର ପବନରେ ଚହଲିଗଲା ପରି । ଆଜି ସେ ଯେଉଁ ନାଟକର ସୂତ୍ରପାତ କରିଛି ତାର ଯବନିକା ପତନ ହେବ କେଉଁଠି ? ନାନା କଥା ଭାବିବା ପରେ ତାକୁ ନିଦ ଆସି ଯାଇଥିଲା ।

× ×

ପ୍ରଶାନ୍ତ କଲେଜରୁ ଫେରି ଘରେ ପହଞ୍ଚିବା ମୁହୂର୍ତ୍ତରେ ତାର ପୂଜାରୀ ଗୋଟାଏ ଚିଠି ଆଣି ଦେଖାଇଲା । ଚିଠିଟି ଆଣି ପ୍ରଶାନ୍ତ ପଚାରିଲା ତୁମେ ସେଠାକୁ ଯାଇଥିଲ କି ?

ନାହିଁ ବାବୁ ମୁଁ ପାନ କିଣି ଯାଇଥିଲି । ସେ ମୋତେ ଡ଼କାଇ ମୋ ହାତରେ ଚିଠି ଦେଲେ ।

ଆଚ୍ଛା ଯାଅ--କହି ପ୍ରଶାନ୍ତ ଚିଠିଟାକୁ ଖୋଲି ପଢିବାକୁ ଲାଗିଲା ।

ଏ ଚିଠିଟି ସୁପ୍ରିୟାର । ଲେଖାଥିଲା— ଆଜି ପ୍ରଥମ ଥର ପାଇଁ ଆପଣଙ୍କ ପାଖକୁ ଚିଠି ଲେଖୁଛି । ଜାଣେ ନାହିଁ ଆପଣ ସାଦରେ ଗ୍ରହଣ କରିବେ ନା, ଚିରି ଫୋପାଡ଼ି ଦେବେ । ଯାହା ହେଉ ମୋ ଆଖିରେ ଆପଣ ମହାନ ! ଆପଣ ମୋତେ ଘୃଣା କରି ପାରନ୍ତି । ସାରା ଦୁନିଆ ମୋତେ ଘୃଣା କରି ପାରେ, କିନ୍ତୁ ସେଦିନ ମୁଁ ଆପଣଙ୍କୁ ଯାହା କହିଛି, ସେ କେବଳ ମୋ ଅନ୍ତରର ନିରାଟ ସତ୍ୟ କଥା । ଆପଣ ଅବିଶ୍ୱାସ କରି ପାରନ୍ତି । କିନ୍ତୁ ଆପଣ କେତେ ଅବିଶ୍ୱାସ କଲେ ବି ମୁଁ ବିଶ୍ୱାସ କରିବି । ମୁଁ ଭାବି ନେଇଛି ଯେ ଆପଣ ନିଶ୍ଚୟ ମୋ କଥା ଗ୍ରହଣ କରିବେ । ଆପଣ ସେଦିନ ଚାଲିଯିବା ପରେ ମୁଁ ବହୁତ କଥା ଭାବିଛି । ଆପଣ କଅଣ ମୋ ପାଇଁ ସେତିକି ଭାବିଥିବେ ? ଯେତେ ହେଲେ ଆପଣଙ୍କର ପୁରୁଷ ହୃଦୟ ପରା । ପଥର ପରି ଟାଣ । ନାରୀ ମନ ଥରେ ଜଣକୁ ମନର ଦେବତା କରି ଥାପିଲେ ଆଉ କଅଣ ପାସୋରି ହୁଏ । ସେଦିନ ରାତିସାରା ଆପଣଙ୍କ ଭାବନାରେ ମୋର ସମୟ କଟିଛି । ମୁଁ ଯେପରି ଆପଣଙ୍କୁ ଦେଖୁଛି, ଆପଣ ମତେ ଓଲଟା ଭାବୁଥିବେ । ମୁଁ ଭାବୁଛି କେବଳ ଆମେ ଗରିବ ବୋଲି ସିନା ? ଆପଣଙ୍କ କଥା ଭାବିଲେ ବଡ଼ ଦୁଃଖ ଲାଗେ । କାଲି ରାତି ଗୋଟିକ ଯାକ ଭାବୁଛି ଆପଣ କାହିଁକି ଚାଲି ଗଲେ ? ଆପଣଙ୍କ ନବ ପ୍ରକାଶିତ ପୁସ୍ତକ ଖଣ୍ଡିକ ମୋତେ ଏପରି ଅବସ୍ଥାରେ ମିଳି ମୋ ଜୀବନକୁ ଓଲଟ ପାଲଟ କରି ଦେଇଛି । ଦୁନିଆ ଚାହିଁଛି ମୋତେ ମହୁମାଛି ପରି ତିଳେ ତିଳେ ଶୋଷିବାକୁ । ଟିକିଏ ଗୋଡ଼ ଖସିଗଲେ ସମାଜ କହିବ କଳଙ୍କିନୀ, କୁଳଟା । ଲେଖୁ ଲେଖୁ ମୁଁ ବହୁତ ଲେଖି ପକାଇଲି, ଛତଶୁ ଆପଣଙ୍କୁ ଭଲ ଲାଗିବ

ନାହିଁ । ଆପଣ ଭାବନ୍ତବେ ଅଳ୍ପଧନୀର ଦେଶାରେ କୌଣସି ଭଦ୍ରଲୋକ ଘରର ଝିଅ ଜଣେ ଯୁବକ ପାଖକୁ କଅଣ ଏପରି ଲେଖିପାରେ ? ହେଲେ ଆପଣଙ୍କୁ ଭୁଲରେ ମଧ୍ୟ ମୁଁ ପର ବୋଲି ଭାବେ ନାହିଁ । ସମୟ ନାହିଁ ଲେଖିବାକୁ । ନଦୀ ଯେବେ ପ୍ରବଳ ବେଗରେ ବଢ଼ିଯାଏ ତେବେ ତାର ପରିଣତି କଅଣ ହୁଏ ? ତା ଗର୍ଭରେ ଆଶ୍ରିତ ପ୍ରାଣୀକୁ ମଧ୍ୟ ସେ ନିଜର ବୋଲି ଦେଖେ ନାହିଁ । କଲମ ଉଠାଇଲା ବେଳକୁ ହାତ ଥରି ଉଠୁଛି । ମୋ ନିଜର କଲମ ମୋର ବୋଲି ମାନୁନାହିଁ, କିନ୍ତୁ ମୁଁ ଜାଣେ ନିଜର ଦୁଃଖ ଲେଖି ଅନ୍ୟକୁ ଜଣାଇ ଦେଲେ ମନଟା ହାଲୁକା ହୋଇଯାଏ । ମୁଁ ମୋର ପ୍ରାଣେ ପ୍ରାଣେ ଅନୁଭବ କରୁଛି ଆପଣ ମୋଠାରୁ ଭିନ୍ନ ନୁହନ୍ତି । ଆଚ୍ଛା ବିଦାୟ ଗୃହଁନ୍ତି ବର୍ତ୍ତମାନ ପାଇଁ । ଆଶା କରେ ଆପଣ ମୋ ଚିଠିର ଉତ୍ତର ଦେବେ ଦର୍ଶନ ଦେବେ ମଧ୍ୟ । ଦେଖା ମିଳିଲେ ଆପଣଙ୍କ ଆଗରେ ସବୁ କହିବି । ନମସ୍ତେ—

ବନ୍ଧୁ ଦୁଃଖର ସହୃତ ଅପେକ୍ଷା କରନ୍ତି ଜଣେ ହତଭାଗିନୀ ।

ପ୍ରଶାନ୍ତ ଚିଠି ପଢ଼ି ଟେବୁଲ ଉପରେ ଥୋଇ ଦେଲା । ମୁଣ୍ଡରେ ହାତ ଦେଇ ବସି ଭାବିଲା ବାସ୍ତବରେ ସୁପ୍ରିୟାକୁ ଜୀବନର ସାଥି କରି ପାଇ ପାରିଲେ ନିଶ୍ଚୟ ଦାମ୍ପତ୍ୟ ଜୀବନ ସୁଖମୟ ହୋଇ ଉଠିବ । ବାପା ଏଥିରେ ଅରାଜି ହେବେ, କାରଣ ସେ ଚାହାଁନ୍ତି ଉଚ୍ଚ ଶିକ୍ଷିତ ପୁଅ ପାଇଁ ଗୋଟିଏ ଧନୀ ଘରର କନ୍ୟା ଆଉ ଯେଉଁଠୁ ମିଳିବ ମଟର କାର୍, ହଜାର ହଜାର ଟଙ୍କା ରାସ୍ତା ଖରଚ । ଦରକାର ନାହିଁ, ବାପା ଯାହା କହନ୍ତୁ ପଛେ ସୁପ୍ରିୟାକୁ ସେ ନିଜର ପ୍ରିୟା କରି ନେବ ନିଶ୍ଚୟ । ଗମ୍ଭୀର ହୋଇ ବସି ରହିଲା ପ୍ରଶାନ୍ତ । ଅସ୍ତକାଳୀନ ସୂର୍ଯ୍ୟ ଲୁଚି ଯାଉଥିଲେ ନବାଜ ପାହାଡ଼ ପଛକୁ । ମନ୍ଦ ମନ୍ଦ ସମୀରଣ ଖେଳି ଯାଉଥିଲା ରାସ୍ତା ଉପରେ । ପ୍ରଶାନ୍ତ ନିଜର

କୋଠା ଛାତ ଉପରକୁ ଉଠି ସୁପ୍ରିୟା ଘର ଦଗକୁ ମୁହଁ କରି ଠିଆ ହୋଇ ରହିଲା । ଅଳ୍ପ ସମୟ ପରେ ସୁପ୍ରିୟା ଛାତ ଉପରକୁ ଆସି ପ୍ରଶାନ୍ତ ଉଦ୍ଦେଶ୍ୟରେ ଦୁଇହାତ ଯୋଡ଼ି ନମସ୍କାର କଲା । ପ୍ରଶାନ୍ତ ଦେଖିଲା, ସୁପ୍ରିୟାର ମଉଳା ମୁହଁ, ମଳିନ ଆଖିର ଭ୍ରୂଲତା । ଯେପରି ବାଧ ହୋଇ ହସିବାକୁ ସେ ଚେଷ୍ଟା କରୁଛି । ଆଖିର ଲୁହ ପୋଛି ହେବାପରି ଦିଶୁଛି ।

ମନରେ ବେଦନା, ବୁକୁରେ କୋହ । ଆକାଶ ନିର୍ମଳ । ଦୁଇ ଚାରି ଖଣ୍ଡ ଧଳା ବାଦଲ ଏ ପାଖ ସେ ପାଖ ହେଉଛନ୍ତି । ଅଦୂରରେ କପୋତ କପୋତୀ ନିଜର ଖୋଳକୁ ଫେରୁଛନ୍ତି । ସୁପ୍ରିୟା ମୁଣ୍ଡ ଉପରେ ହାତ ଦେଇ ପାଚେରି ଉପରେ ଆଉଜି ଦେଖୁଥିଲା-ସନ୍ଧ୍ୟାକାଳୀନ ଦୃଶ୍ୟ । ଟୁନେଲିକରଣି ପଡ଼ ମୁଣ୍ଡରେ ଥିବା ଟିକା ଦିଶୁଥିଲା ମେଘ ବିହୀନ ଆକାଶର ତାରକାସମ । ପବନ ତାର ପଣତ କାନିକୁ ଉଡ଼େଇ ନେଉଥିଲା । ଦୁଇଜଣଙ୍କ ଆଖି ପୁଣି ପଡ଼ିଲା ଦୁଇଜଣଙ୍କ ଉପରେ । ଅନ୍ଧାର ଆସିଗଲା । ରଜନୀ ରାଣୀ ତାର ଯୌବନପସରା ମେଲାଇଦେଲା । ପ୍ରଶାନ୍ତ ଛାତ ଉପରୁ ଆସି ଷ୍ଟଡ଼ି ରୁମକୁ ଯାଇ ବଜୁଳିବତୀର ସୁଇଚ୍ ଟିପି ସୁପ୍ରିୟା ପାଖକୁ ଚିଠି ଲେଖି ବସିଲା ।

ଫୁଲ ଠାରୁ କୋମଳ ଏବଂ ଚନ୍ଦ୍ର ଠାରୁ ସୁନ୍ଦର ସୁପ୍ରିୟା ମୋର !

ତମର ଅଭିମାନ ଭରା ଚିଠି ପାଇଛି । ଭାବିଛ ଚିଠି ପଢ଼ି ମୁଁ ସୁଖୀ ହେବି କିନ୍ତୁ ସୁପ୍ରିୟା ସୁଖ ଅପେକ୍ଷା ଦୁଃଖ ଅଧିକ । ପରୀକ୍ଷା ସମୟ ଯୋଗୁଁ ସେଦିନ ମୁଁ ଚାଲି ଆସିଲି । ତମର ଘରକୁ ଯିବା ଏଇ ମୋର ପ୍ରଥମ ଥର ଏବଂ ତା ପୂର୍ବରୁ କୌଣସି ନାରୀ ସହିତ ମୁଁ ଖୁସି ଗପ କରି ନ ଥିଲି । ପ୍ରଶାନ୍ତ ଯାହାକୁ ଥରେ ଭଲ ପାଇଛି ତାକୁ ସେ ଜୀବନରେ ଭୁଲି ପାରିବ ନାହିଁ । ତୁମେ ଗରିବ ଘର ଝିଅ ଓ ମୁଁ ଧନୀ ଲୋକର ପୁଅ । ଏଥିପାଇଁ ମନରେ ମୋର ଛଳେ ହେଲେ ଦୁଃଖ

ନାହିଁ । ଭଲ ପାଇବା ବାସ୍ତବିକ ଗୋଟାଏ ଆକର୍ଷଣ କୌଣସି ବାଧା ମାନେ ନାହିଁ । ସୌନ୍ଦର୍ଯ୍ୟ ମଧ୍ୟ ସେହିପରି । ଫୁଟନ୍ତା ଗୋଲାପ ଗଛକୁ ଯଦି ମରୁଭୂମି ଉପରେ ଲଗାଇ ଦିଆଯାଏ ତେବେ ତାର ବାସନା କଅଣ ମହକି ଉଠିବ ନାହିଁ କମ୍ବା ଭ୍ରମର କଅଣ ତପନର କିରଣକୁ ଭ୍ରୂକ୍ଷେପ ନକରି ଚୁମ୍ବନ ଦେବାକୁ ଆଗେଇ ଯିବ ନାହିଁ ? ଆମେ ମଣିଷ— ଦୁନିଆରେ ଶ୍ରେଷ୍ଠ ଜୀବ । ଅବଶ୍ୟ କହିବ ଅନେକ ପ୍ରକାର ପ୍ରେମିକ ଅଛନ୍ତି ବୋଲି— ଲମ୍ପଟ, ଦଗାବାଜ, ଶଠ— । କିନ୍ତୁ ସମସ୍ତେ କଅଣ ଏ ପରି ? ଆମେ ଦିନେ ଏପରି ସ୍ଥାନରେ ପହଞ୍ଚି ଯିବା ଯେଉଁଠାରେ ବିଧିର ବିଧାନ ଅଲଗା ହେବ, ସମାଜର ନାଲି ଆଖି ନ ଥିବ ସେଠାରେ । ଯୌବନ କ୍ଷଣିକ ଆଉ ମଣିଷ ପାଦ ଦେଇ ଚାଲି ଯାଉଛି ତା ଉପରେ । କିନ୍ତୁ ଯୌବନ ଅବସ୍ଥାରେ ସମସ୍ତେ ବିଭୋର ହୋଇଯାନ୍ତି । ହେଉ ମୋ ସାନିଧ ଯଦି ତମର ଏକାନ୍ତ ଦରକାର ଅଥବା ମୁଁ ତମକୁ ନେଇ ଯଦି ସୁଖି କରି ପାରିଲି ତେବେ ଜୀବନ ମୋର ଧନ୍ୟ ହେବ । ବଡ଼ ଲମ୍ବା ହୋଇ ଗଲାଣି ଚିଠିଟା । ତେଣୁ ପଢ଼ିବା ପାଇଁ ଟିକିଏ ପରିଶ୍ରମ କରିବାକୁ ପଡ଼ିବ । ଏତିକି—

ତମ ରୂପର ପୂଜାରୀ
ପ୍ରଶାନ୍ତ

ଚିଠିଟି ଚାକର ହାତରେ ପଠାଇ ଦେଇ ଖଣ୍ଡିଏ 'ଅଭୁଲା ନୟନ' ଉପନ୍ୟାସ ନେଇ ପ୍ରଶାନ୍ତ ପଢ଼ି ବସିଲା ।

× ×

କଲିଂ ବେଲ୍ ବାଜି ଉଠିଲା । କଲମ ଥୋଇ ଦେଇ ପ୍ରଶାନ୍ତ ଡାକିଲା— ନିତିଆ, ହେ ନିତିଆ ।

କଣ ଲ୍ଲୋଟ ବାବୁ !

ଦେଖିବୁ ତ କିଏ ଆସିଲେ ?

ପ୍ରଶାନ୍ତ ଗୋଟିଏ ସିଗାରେଟ୍‌ରେ ନିଆଁ ଧରାଇ ପୁଣି ପଢିବାରେ ଲାଗିଲା।

ଚାକର ଫେରି ଆସି କହିଲା— ଯତୀନ୍ଦ୍ର ବାବୁ ଅପେକ୍ଷା କରିଛନ୍ତି।

ଶୀଘ୍ର କହି ଦେ କହି ପ୍ରଶାନ୍ତ ଅଧିକ ଜୋରରେ ସିଗାରେଟ୍ ଟାଣିବାକୁ ଲାଗିଲା।

ଭଗ୍ନି ତ ଭଦ୍ରତା ଜ   ଆସୁଛୁ।

ଏଣିକି ଜଗିବାକୁ ପଡ଼ିବ— କହିଲା ଯତୀନ୍ଦ୍ର।

କାହିଁକି ? ପଚାରିଲା ପ୍ରଶାନ୍ତ।

କହୁଛି ବନ୍ଧୁ— ଏତେ ଅଧୀର ହେଲେ ଚଳିବ କି ?

ଆଚ୍ଛା, ବର୍ତ୍ତମାନ କିଛି ପ୍ରୋଗ୍ରାମ ଅଛି କି ?

ନା, କହି ପ୍ରଶାନ୍ତ ଚାକରକୁ ଚା ଆଣିବାକୁ କହିଲା।

ଯତୀନ୍ଦ୍ର କହିଲା— କ୍ଷମା କରନ୍ତୁ, ମୁଁ ଏଇକ୍ଷଣି ଖାଇ ଆସିଛି। ତୋତେ ନେବା ପାଇଁ ଆସିବା ପୂର୍ବରୁ ସୁଚନା ଚୁ କରିଥିଲି। ସେ ମଧ୍ୟ ତୋ ଅପେକ୍ଷାରେ ଅଛି। ଆଜି ରୁ ଗଲେ ଟି ଘାଟ ହେବ।

ଏଇ ସୁଚନାଟି ପୁଣି କିଏ ? ପଚାରିଲା ପ୍ରଶାନ୍ତ।

ସେ ଗୋଟିଏ—

ସେ କଅଣ ?

ଦେଖିବୁନି ?

କିପରି ?

ସୁନ୍ଦରୀ

କରିବ ନାହିଁ ତ ମନ ଚେଷ୍ଟା ?

ଦୁଇ ବନ୍ଧୁ ହସି ଉଠିଲେ।

କାର୍ ପାଖକୁ ଅସି ଯାଇଥିଲେ ଦୁଇଜଣ । ପ୍ରଶାନ୍ତ ବସିଲାରୁ ଯତୀନ୍ଦ୍ର କାର୍ ଷ୍ଟାର୍ଟ ଦେଲା । ପ୍ରଶାନ୍ତର ସିଗାରେଟରୁ ଧୂଆଁ ରାଶି ଖେଳି ବୁଲୁଥିଲା । ମୋ ନା ସେ କପର ଜାଣିଲା— ପଚାରିଲା ପ୍ରଶାନ୍ତ ?

ମୁ ତୋର ବିଶଦ ବିବରଣୀ ତାକୁ ଦେଇଛି ।

ଆଚ୍ଛା ! ଚଢ଼େଇ ଯେମିତି ତୋ ପଞ୍ଜୁରୀ ଛାଡ଼ି ମୋ ପଞ୍ଜି ରାକୁ ଅସି ନ ଯାଏ ।

କିଛି ନୁହେଁ— ତୁ ପିଏ ମୁଁ ପିଏ ।

ଯତୀନ୍ଦ୍ର ବାବୁଙ୍କ ଫାଟକ ପାଖରେ କାର୍ ବ୍ରେକ୍ କଷିଲା ।

ଦୁଇ ବନ୍ଧୁ ଓହ୍ଲାଇ ଗଲେ ।

ଆଉ ଗୋଟିଏ ସିଗାରେଟ ଲଗାଇ ପ୍ରଶାନ୍ତ— ଯତୀନ୍ଦ୍ର ପିଛା ଧରିଲା ।

ଯତୀନ୍ଦ୍ର ପ୍ରଥମେ ସୁଚରିତା ପାଖରେ ବସି ପଡ଼ିଲା ଆଉ ସୁଚରିତାକୁ କହିଲା— ଏଇ ମୋର ସାଥି ପ୍ରଶାନ୍ତ ଏବଂ ପ୍ରଶାନ୍ତକୁ ଚାହିଁ କହିଲା— କରେ ବସୁ ନୁ । ପ୍ରଶାନ୍ତ ସୁଚରିତାର ଅର ପାଖକୁ ବସିପଡ଼ି କହିଲା ଭାରି ଖୁସି ହେଲି ଆପଣଙ୍କ ଦେଖା ପାଇ ।

ମୁ ମଧ୍ୟ ଭାରି ଖୁସି ହେଲି— କହିଲା ସୁଚରିତା ।

ପ୍ରଶାନ୍ତ ଦେଖିଲା— ହସ ହସ ମୁହଁ, ସୁଗୋଲ ଶରୀର, ମାଦକ ଢୋଳା ଆଖି ।

ସୁଚରିତା କହିଲା— ଶୁଣିଛି ଆପଣ ଜଣେ ସୁଲେଖକ ।

ଏତେଟା ନୁହେଁ ।

ସହସା ସୁଚରିତାର ଦେହ ମିଶିଗଲା ପ୍ରଶାନ୍ତ ଦେହ ସହିତ । ବିଜୁଳି କରେଣ୍ଟ ଖେଳିଗଲା କୋମଳ ଶରୀର ସ୍ପର୍ଶରେ ।

ପ୍ରଶାନ୍ତ ଚମକି ଉଠିଲା ।

ଯତୀନ୍ଦ୍ର କହିଲା— ପ୍ରଶାନ୍ତ ବେହେଲା ଧର ଆଉ ସୁଚରିତା ଗାଇବେ ।

ସେଇଆ ହେଲା । ଯତୀନ୍ଦ୍ର ଶୁଣୁଥିଲା ଆଉ ଆଶ୍ଚର୍ଯ୍ୟ ହୋଇ ପଡୁଥିଲା ।

ସୁଚିତ୍ରା ପ୍ରଶାନ୍ତର ହାତଧରି ହଲାଇ ଦେଇ କହିଲା—

ବେଶ୍ ଚମତ୍କାର ଆପଣଙ୍କ ବେହେଲା ବାଦନ ।

ପ୍ରଶାନ୍ତ କହିଲା— କମ୍ ନୁହେଁ ଆପଣଙ୍କର ସୁଲଳିତ ଗାୟନ ମଧ୍ୟ । ସମସ୍ତେ ଯତୀନ୍ଦ୍ରର ରୁମ୍‌କୁ ଆସିଲେ । ଦୁଇ ବନ୍ଧୁ, ସୁଚିତ୍ରା ପାଖରୁ ଯାଇ ଅନ୍ୟ ଗୋଟିଏ ଜାଗାରେ ଠିଆ ହୋଇ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଲକ୍ଷ୍ୟ କରୁଥିଲେ । ଏତିକିବେଳେ ଯତୀନ୍ଦ୍ର କହିଲା— ଖୁସି କରେଇ ଦେଲୁ ଆଜି ପ୍ରଶାନ୍ତ । ପସନ୍ଦ ହୋଇଛି ନା ?

ବହୁତ ।

ସୁଚିତ୍ରାର ମଧ୍ୟ ?

ସେ ତ ବେଶୀ ପସନ୍ଦ କରିଛି ।

ତୋତେ ଭଲ ପାଉଛି ସୁଚିତ୍ରା— କହିଲା ପ୍ରଶାନ୍ତ ?

ମୁଁ ବି ତାକୁ ଭଲ ପାଏ ।

ସେ ତୋତେ ବୋଧହୁଏ ଭଲ ପାଉନି ।

ତୋର କଅଣ ବିଶ୍ୱାସ ହେଉନି ?

ଧରିଯାଉ ସେ ତୋତେ ଭଲ ପାଏ ନାହିଁ । ତେବେ କଅଣ ଘୃଣା କରେ କହୁଛୁ ?

ଘୃଣା ଅଉ ଭଲ ପାଇବା ଭିତରେ ତଫାତ୍ ଅନେକ ବେଶୀ ।

ଆଚ୍ଛା ସେ କେବେ କହିଛି ଯେ ତୋତେ ଘୃଣେ ବୋଲି ?

ଏ ସବୁ କଅଣ କହିବା କଥା ?

ନୁହେଁ କାହିଁକି ?

ହଉ ବେଶ୍ ସୁଚିତ୍ରା ତୋର ଭଉଜ ହୋଇ ଆସୁଛି କି ନାହିଁ ।

ଭାରି ମଜା କଥା । ବହୁତ ଖାଇବାକୁ ମିଳିବ । ଏଇ କଥାବାର୍ତ୍ତା ବେଳେ ସୁଚରିତା ଘର ଭିତରକୁ ପଶିଲା ଆଉ ପ୍ରଶାନ୍ତକୁ କହିଲା— ଆପଣ ତ ଖୁବ୍ ଭଲ୍ ବେହେଲା ବଜାଇ ପାରୁଛନ୍ତି । କେତେ ଦିନର ଅଭ୍ୟାସ ? ହସି ହସି ପ୍ରଶାନ୍ତ ପାଖରେ ଠିଆ ହେଲା ଆସି ସୁଚରିତା ।

ପ୍ରଶାନ୍ତ ହସ ହସ ମୁହଁରେ ଅନାଇଁ ରହିଲା ସୁଚରିତାକୁ ।

ଯତୀନ୍ଦ୍ର କହିଲା— ପ୍ରଶାନ୍ତ ତୁ ସୁଚରିତାକୁ ବେହେଲା ବଜେଇବା ଶିଖେଇ ଦଉନୁ ।

ହୁଁ ହୁଁ ଯେବେ କହିବେ ମୁଁ ପ୍ରସ୍ତୁତ ଅଛି— କହିଲା ପ୍ରଶାନ୍ତ ।

କିନ୍ତୁ ବଡ଼ ଦୁଃଖର କଥା ପ୍ରଶାନ୍ତ ବାବୁ ମୁଁ କାଲି ପୁରୀ ଚାଲି ଯାଉଛି ।

କିଛି ଦିନ ଆଉ ରହି ଯାଆନ୍ତୁ— କହିଲା ପ୍ରଶାନ୍ତ ।

ଏ ତ ମୋର ଇଚ୍ଛା ଥିଲା, କିନ୍ତୁ ବାପାଙ୍କ ଠାରୁ ତାର ପାଇଲି ଯିବାକୁ, ଫେର୍ କେବେ ଆସିଲେ ମୋତେ ଶିଖାଇ ଦେବେ ।

ଅଚ୍ଛା ଚାଲ, ଟି ପାର୍ଟି ଆରମ୍ଭ ହେବ କହି ଯତୀନ୍ଦ୍ର ଆଗରେ ଚାଲିଲା ଓ ତା ପଛେ ପଛେ ପ୍ରଶାନ୍ତ ଓ ସୁଚରିତା ଚାଲିଲେ ।

ପ୍ରଶାନ୍ତ ଘରକୁ ଫେରିଲାବେଳକୁ ରାତି ଆଠଟା ବାଜି ଯାଇଥିଲା ।

ଭଲ ପାଇବା ବେଶୀ ଆଗେଇ ଗଲେ ବନ୍ଦ କରିବା ଅତି କଠିନ । ପ୍ରଶାନ୍ତର ମନ ଭିତରେ ଉଠୁଛି ଗୋଟାଏ ଝଡ଼ । ସବୁବେଳେ ସୁପ୍ରିୟାର କଥା ନେଇ ତାର ଭାବନା । ସେଦିନ ପ୍ରଶାନ୍ତ ବଡ଼ ଦୁଃଖିଥିଲା ତେଣୁ ସୁ ପ୍ରିୟା ଘରକୁ ବାହାରିଲା । ପ୍ରଶାନ୍ତ ପହଞ୍ଚିଲା ବେଳକୁ ସୁ ପ୍ରିୟା ଅଇନା ସାମନାରେ ବସି ମନେ ମନେ ଈର୍ଷା କରୁଥିଲା ତାର ଏଇ ସୌନ୍ଦର୍ଯ୍ୟକୁ । କେତେଗୁଡ଼ିଏ ଫୁଟନ୍ତା ଫୁଲର ସମଷ୍ଟି-ଯୌବନ ଯଦି କୌଣସି ଦେବତାଙ୍କ ଗଳାରେ ଝୁଲି ନ ପାରିବ ତେବେ ଲାଭ କଅଣ ?

ପ୍ରଶାନ୍ତ ଦରଜା ପାଖରେ ଠିଆ ହୋଇ ସୁପ୍ରିୟାର ସୌନ୍ଦର୍ଯ୍ୟ ଉପଭୋଗ କରୁଥିଲା ଏବଂ ସୁପ୍ରିୟା ଦେଖି ନ ପାରିଲା ଭଳି ଅଙ୍କ ଟିକିଏ ପଛକୁ ଲାଗିଗଲା । ଅଇନାରେ ପ୍ରଶାନ୍ତର ମୁହଁ ଦେଖି ଚମକି ପଡ଼ିଲା ସୁପ୍ରିୟା ଓ ସଙ୍ଗେ ସଙ୍ଗେ ଠିଆ ହୋଇ ପଡିଲା । ତା ପରେ ହସି ହସି କହିଲା— ମନେ ପଡ଼ିଲା, ନୁହେଁ ?

ହଁ ରହି ହେଲା ନାହିଁ— କହିଲା ପ୍ରଶାନ୍ତ ।

ମୁଁ ଭାବିଥିଲି ଆପଣ ଆଉ ଥରକ ପାଇଁ ମଧ୍ୟ ଆମ ଘରେ ଗୋଡ଼ ଦେବେ ନାହିଁ ।

କାହିଁକି ?

ଯେ ହେତୁ ଆମେ ଗରିବ ।

ଥରେ କହିଛି, ଭଲ ପାଇବା ଭିତରେ ଧନୀ ଦରିଦ୍ରର ସ୍ଥାନ ନାହିଁ ।

ହସି ହସି ସୁପ୍ରିୟା କହିଲା— ବସନ୍ତୁ ।

ପ୍ରଶାନ୍ତ ବସି ପଡ଼ିଲା ପଲଙ୍କ ଉପରେ ଆଉ ତା ସାଥେ ସାଥେ ସୁପ୍ରିୟାର ହାତ ଧରି ବସାଇ ଦେଲା ।

ହଠାତ୍ ପ୍ରଶାନ୍ତ କଅଣ ଭାବି ଦୁଇଟଙ୍କାର ନୋଟ ଖଣ୍ଡେ କାଢ଼ି ସୁପ୍ରିୟାର ଭାଇକୁ ଡାକିଲା— ପାନ, ସିଗାରେଟ ଆଣିବା ପାଇଁ ।

ଅଭିମାନ କରି ସୁପ୍ରିୟା କହିଲା— ଆମେ କଅଣ ପାନ ଦୁଇଖଣ୍ଡ ଦେଇ ପାରିବୁ ନାହିଁ ଯେ ଆପଣ ଟଙ୍କା ଦେଇ ଆମକୁ ଅପମାନିତ କରୁଛନ୍ତି । ଏ ଟଙ୍କା ରଖନ୍ତୁ । ତା ପରେ ସେ ଭାଇଟିକୁ ଡାକି ପାନ, ସିଗାରେଟର ବରାଦ କରିଦେଲା ।

ଦୁଃଖିତ ହୋଇ ପ୍ରଶାନ୍ତ କହିଲା— ମୋ ଟଙ୍କା କଅଣ ତୁମର ନୁହେଁ ?

ହସିଲା ସୁପ୍ରିୟା—

ଟ୍ଲେଟ ଭାଇ ଆଣି ପାନ ଏବଂ ସିଗାରେଟ ରଖି ଦେଇଗଲା । ଖଣ୍ଡେ ପାନ ହାତରେ ଧରି ପ୍ରଶାନ୍ତ ଜୋରକରି ସୁପ୍ରିୟାର ପାଟିରେ ଦେଲା । ସୁପ୍ରିୟା ମଧ୍ୟ ପ୍ରଶାନ୍ତ ପାଟିରେ ପାନ ଖଣ୍ଡେ ଦେଇ ମୁହଁ ତଳକୁ କରି ଦେଲା ।

ସୁପ୍ରିୟା କାନ୍ଧ ଉପରେ ଭରା ଦେଇ ଶୋଇ ରହିଥିଲା ପ୍ରଶାନ୍ତ । ଏତକବେଳେ ସୁପ୍ରିୟା କହିଲା— ପ୍ରଶାନ୍ତ ବାବୁ ଭାରି ଗରମ ହେଉଛି, ଚାଲନ୍ତୁ ଛାତ ଉପରକୁ ଯିବା ।

ନା— ଏଇଠି ବସିବା କହି ପ୍ରଶାନ୍ତ ସୁପ୍ରିୟାର ଅଧରରେ ନିଜ ଅଧର ମିଶାଇ ଦେଲା । ଇସ୍, କି ମାଦକତା ! କି ଶିହରଣ, ଜୀବନର ପ୍ରଥମ ଥର ପାଇଁ ସେ ସୁପ୍ରିୟା ଓଠରୁ ମାଦକତା ଚୁଷି ନେଲା । ପ୍ରଶାନ୍ତର ବାହୁ ଉପରେ ନିର୍ଜୀବ ପରି ପଡ଼ି ରହିଥିଲା ।

ପ୍ରଶାନ୍ତ ଡାକିଲା— ପ୍ରିୟା !

କଅଣ ?

ଆଜି ପ୍ରଶାନ୍ତ ଜାଣିଲା ଯୌବନ କଅଣ, ପ୍ରେମ କଅଣ ? ସେଇଠୁ ସେ ମନେ କଲା ସୁପ୍ରିୟା ପାଖରେ ଜୀବନଟା ଅର୍ପଣ କରି ଦେବ ।

ଉଦ୍ଦାମ କେଶଗୁଚ୍ଛ ଚିଟି ପଡ଼ି ଲୋଟି ପଡ଼ିଥିଲା ପ୍ରଶାନ୍ତର ଛାତି ଉପରେ ।

ମା କୁଆଡ଼େ ଯାଇଛନ୍ତି -- ପଚାରିଲା ପ୍ରଶାନ୍ତ ।

ପଡ଼ିଶା ଘରକୁ— କହିଲା ସୁପ୍ରିୟା । ଆପଣ ସେଦିନ ଏତେ ଶୀଘ୍ର ଚାଲିଗଲେ କାହିଁକି ?

ଗୋଟାଏ ଜରୁରୀ କାମରେ ।

ସତ କହୁଛ ତ ?

ନିଶ୍ଚୟ— ପ୍ରଶାନ୍ତ ସୁପ୍ରିୟାକୁ ଅଧିକ ଜୋରରେ ଭିଡ଼ି ନେଇ କହିଲା— କଅଣ ଭାବୁଛ ?

କିଛି ନୁହେଁ—

ହଁ କିଛି—

ଭାବୁଛି ଆମ ଦୁଇଜଣଙ୍କ କଥା । ସମସ୍ତେ ଏଇପରି ହୋଇ ଶେଷରେ—

ପାଟିରୁ କଥା ଛଡ଼ାଇ ନେଇ ପ୍ରଶାନ୍ତ କହିଲା—ଶେଷରେ ଠିକ ଦୁଃଖାନ୍ତ— ଏଇ ନା ? କିନ୍ତୁ ସୁପ୍ରିୟା, ପ୍ରଶାନ୍ତର ଜୀବନ ଗଲେ ସୁଦ୍ଧା ସେ ବିଶ୍ୱାସ ଘାତକତା କରି ପାରିବ ନାହିଁ ।

ମୁଁ କଅଣ ଭାବୁଛି ଜାଣନ୍ତି ? ଜୀବନଟା ଆପଣଙ୍କ ପାଦତଳେ କଟାଇବି, କହିଲା— ସୁପ୍ରିୟା ।

କିପରି ଲାଗିଲା ବହିଟା— ପଚାରିଲା ପ୍ରଶାନ୍ତ ।

ଭାଷା ଭଲ ହୋଇଛି ସତ, କିନ୍ତୁ ବଡ଼ କରୁଣ । ଏପରି କରୁଣ କାହାଣୀ ଆପଣ ଲେଖନ୍ତି କାହିଁକି ?

ଏହାକୁ କହନ୍ତି ବାସ୍ତବିକତା । ଯାହାକୁ ପଢ଼ିଲେ ହୃଦୟ କାନ୍ଦି ଉଠେ, ହସିଲା ଲୋକର ଆଖିରୁ ପାଣି ଝରି ଆସେ । ଭଗ୍ନ ହୃଦୟ ସୁଖର ଉପନ୍ୟାସ ଗଢ଼ି ପାରିବ କିପରି ? ପିଲାଟି ଦିନରୁ ଦୁଃଖ ସଙ୍ଗେ ଲଢ଼େଇ କରି ଛାତି ପଥର ହୋଇ ଯାଇଛି । ମୁଁ ମୋର ଦୁଃଖ କାହାଣୀ ଦୁନିଆ ଆଗରେ ଖୋଲିଦେଇ ଯିବାକୁ ଚାହେଁ ।

ସୁପ୍ରିୟା ପଚାରିଲା— କଅଣ କହିବେନି ?

ଆଗ୍ରହ ଯଦି ଅଛି ଶୁଣ କହି ପ୍ରଶାନ୍ତ ଆରମ୍ଭ କଲା— ନିଜର ଦୁଃଖ ଅନ୍ୟକୁ ଜଣାଇଦେଲେ ମନ ହାଲୁକା ହୋଇଯାଏ । ସେଥିରେ ମିଳେ ପ୍ରଶାନ୍ତର ମନ ମୁତାବକ ସାଥି ମିଳିଛି, ତେଣୁ ତାର ଯାହା କିଛି ଅଛି ଶାନ୍ତି । ସବୁ କହି ଦେବାକୁ ଚାହେଁ । ସୁପ୍ରିୟା ତ ତାର ନିଜର ପ୍ରିୟା ।

ପ୍ରିୟା ଆଗରେ ନ କହି ଆଉ କହିବି କାହାକୁ ? ପ୍ରଶାନ୍ତ କହିଲା— ତୁମେ ପଚାରୁଛ ମୋ ମନରେ ଦୁଃଖ କଅଣ ? କରୁ ପ୍ରିୟା, ମୁଁ ମୋ ଜୀବନଟା ସାରା କାନ୍ଦି ଆସୁଛି । ମୁଁ ମୋର ପିଲାଟି ଦିନରୁ ମା'କୁ ହରାଇ ପିତାଙ୍କ ଦ୍ୱାରା ଲାଳିତ ପାଳିତ ହୋଇଛି । ମା'ର ଚିତା ଜାଳି ଦେଇ ଆସିଥିଲି ମୁଁ ଦିନେ ଏବ ଆଜି ସେ ଅ-ଫେରା ରାଇଜରୁ ଫେରି ନାହାନ୍ତି । ବାସ୍ତବରେ ସେ ଥିଲେ ଦେବୀ । ଦୁଇ ବରଷ ପରେ ଆସିଲେ ନୂଆ ମା । ସେ ଆସିବା ପରେ ବାପାଙ୍କର ଆଉ ସ୍ନେହ ରହିଲା ନାହିଁ । ଏପରି କୌଣସି ରାତି ନାହିଁ, ଯେଉଁ ରାତିରେ ମୋ ଆଖିରୁ ଲୁହଧାର ବନ୍ଦ ହୋଇଛି । ବାପାଙ୍କୁ ଜଣାଇଲେ ମଧ୍ୟ ସେ ନୀରବ ହେଲେ । ଦ୍ୱିତୀୟ ସ୍ତ୍ରୀ ପାଇ ମନ ତାଙ୍କର ଅଲଗା ହୋଇ ଯାଇଥିଲା । ଛୋଟ ଝୁଅକୁ ପାଇ ସେ ପୁଣି ସବୁ ଭୁଲିଗଲେ । ସାବତ ମା'ଙ୍କର ଅତ୍ୟାଚାର ଦିନକୁ ଦିନ ଅସହ୍ୟ ହେଲା ମୋ ପକ୍ଷରେ । ଆତ୍ମ ହତ୍ୟାକୁ ସର୍ବଶ୍ରେଷ୍ଠ ପଥ ରୂପେ ବାଛି ନେଲି । ମଣିଷ ମନ ତ, ପୁଣି ଭାବନା ବଦଳି ଗଲା । ସେଥିରୁ କ୍ଷାନ୍ତ ହୋଇ ନିରାଶ, ଭଗ୍ନ ହୃଦୟ ନେଇ ବଞ୍ଚିବାକୁ ଚାହିଁଲି, ଅବଶ୍ୟ ଜଣେ ନାରୀର ଅନୁରୋଧରେ । ଥରେ ଥରେ ମୁଁ ଭାବେ ସେଇ ନାରୀ ଜଣଙ୍କର ହୃଦୟରେ ଭରି ରହିଛି ଦୟାର ନିର୍ଝର, ସ୍ୱଚ୍ଛ ମନ୍ଦାକିନୀର ଝଲକ— ଆଉ ଜଣେ ଠିକ୍ ଓଲଟା— ରାକ୍ଷସୀର ପ୍ରତିମୂର୍ତ୍ତି । ଯେ ମୋ ହତଭାଗିଆ ଜୀବନରେ ସ୍ନେହ, ମମତା ଢାଳି ଦେଇଥିଲା— ଯାହାର ମୁହଁ ଦେଖିଲେ ମୁଁ ସବୁ ଭୁଲି ଯାଉଥିଲି କ୍ଷଣକରେ, ସେ ଜଣେ ଯୁବତୀ— ବାଲ୍ୟ ସଙ୍ଗିନୀ । ଷୋହଳ ବରଷ ନ ପୂରୁଣୁ ସେହି ଦେବୀ ପ୍ରତିମା ବିଦାୟ ନେଇ ଗଲା ମୋଠାରୁ । କୌଣସି ରକମର ଦୁର୍ଭାବନା ତାକୁ ଛୁଇଁ ପାରି ନ ଥିଲା । ତାର ମନଭୁଲା କଥା, ମୁରୁକି ମୁରୁକି ହସ, ସରାଗ ଭୋଳା ଚାହାଣୀ, ମୋର ମନ ଗହନକୁ ଏକାବେଳକେ ସେ ଛୁଇଁ

ହେଉଥିଲି । ସେତେବେଳେ ମୁଁ ଭାବୁଥିଲି ଦୁଃଖମୟ ଅତୀତକୁ ମୁଁ ଅତି ସହଜରେ ଭୁଲିଯିବି । କିନ୍ତୁ ତା ହେଲା ନାହିଁ । ନିୟତିର ନିୟମରେ ସେଇ ଦେବୀ ପ୍ରତିମା ନାରୀ ଯାହା ମୋଠାରୁ ବିଦାୟ ନେଇ କେଉଁ ଏକ ଅଜଣା ପୁରୀକୁ ଚାଲିଗଲା । ମୁଁ ଆଉ ତା ତାଙ୍କ ପାଖକୁ ଯାଇ ପାରିଲି ନାହିଁ ।

ସେଇ ନାରୀ ସେ । ତେଣୁ କେହି ଆଜିଯାଏ ମୋର ଭଗ୍ନ ହୃଦୟକୁ ଜାଣିପାରି ନ ଥିଲେ । କଲେଜ ସହପାଠିନୀମାନଙ୍କ ସହିତ ମୁଁ ମଧ୍ୟ ମିଶିଥିଲି, କିନ୍ତୁ କେଜାଣି କାହିଁକି ବରାବର ଦୂରେଇ ହୋଇ ରହି ଯାଇଥିଲି । କେହି କେହି କହିବେ ଏହା ମୋର ମନର ଦୁର୍ବଳତା— ପୁରୁଣାକାଳିଆ ଭାବନା । ଯେ ଯାହା କହୁ ପଛକେ ମୁଁ ଜାଣେ ଭଲ ପାଇବା ଗୋଟାଏ ପବିତ୍ର ଜିନିଷ । ଜୋର କରି କଅଣ କେହି କାହାକୁ ଭଲ ପାଇ ପାରିବ ? ହଁ ହୋଇପାରେ, ମାତ୍ର ତାହା କ୍ଷଣସ୍ଥାୟୀ । ମୋ ମନର ଭାବନା ମୁଁ କାହାକୁ ଆଜିଯାଏ କହି ନାହିଁ, କାରଣ ମୋ ମନ ସହିତ ମିଶିବା ଭଳି ମୁଁ କାହାକୁ ବାଛି ପାରି ନ ଥିଲି । ସମସ୍ତେ ଆସିଛନ୍ତି ମୋ ପାଖକୁ ମନ ଜାଣିବା ପାଇଁ, ପରୀକ୍ଷା କରିବା ପାଇଁ ସେମାନଙ୍କ ମନର ଭାବନା ଗୋଟିଏ କିନ୍ତୁ ଗତି ପଥ ଭିନ୍ନ । କେହି କେହି ମୋର ମତକୁ ସମାଲୋଚନା କରିବେ, କାରଣ ପାଶ୍ଚାତ୍ୟ ଦେଶରେ ଯେ ଯାହାକୁ ଯେତେବେଳେ ଭଲ ପାଇଲା ପ୍ରେମ ସମ୍ଭାଷଣ କରିବାରେ କୌଣସି ପ୍ରତିବନ୍ଧକ ନାହିଁ । ପୁଣି ଏ ଡାଳରୁ ଯାଇ ଆଉ ଗୋଟିଏ ଡାଳ ଧରିବେ । ଯଦି ଏଇ ଡାଳ ଧରିବା ସମୟରେ ହାତ ଖସିଯାଏ କି କେହିଁ ଖସାଇ ଦିଏ, ତେବେ ପରିଣତି କଅଣ ହେବ ? ଆମ ଦେଶ ପାଶ୍ଚାତ୍ୟ ଦେଶ ଠାରୁ ସମ୍ପୂର୍ଣ୍ଣ ଅଲଗା— ଜଳ ବାୟୁଠାରୁ ଆରମ୍ଭ କରି ଖାଦ୍ୟ ପାନୀୟ ପର୍ଯ୍ୟନ୍ତ । ସେ ଯାହା ହେଉ, ଦାଗ ଭୁଲିଯିବା ସହଜ

ମୁଁ ଆଉ କୌଣସି ନାରୀ ସହିତ ମିଶି ନାହିଁ । ଜୀବନରେ ଦ୍ୱିତୀୟ ସାଥୀ ପରି ପାଇଛି ତୁମକୁ । ତେଣୁ ପ୍ରିୟା ବୋଲି ଯାହା ସମ୍ବୋଧନ କଲି ତାହା ମୋ ଅନ୍ତରର ଆଦେଶ । ଏଇ ପୂର୍ବ ଘଟଣା ନେଇ ମୁଁ ଲେଖେ ଅତି କରୁଣ କାହାଣୀ । ମୁଁ କାନ୍ଦୁଛି ଏବଂ କନ୍ଦାଇବି— ଖାଲି ହିଂସାରେ ନୁହେଁ— ଯଦି ମୋ ଲେଖା ଶିକ୍ଷା ଦେଇ ପାରିଲା ସମାଜକୁ, ତେବେ ମୁଁ ନିଜକୁ ଧନ୍ୟ ମନେ କରିବି । ତୁମେ ନିଜକୁ ଛୋଟ ମନେ କରୁଛ ଗରିବ ବୋଲି କିନ୍ତୁ ଭଲ ପାଇବାରେ ଧନୀ ଦରିଦ୍ରର ବିଗ୍ରହ ନ ଥାଏ । ବଡ଼ ସାନର ପ୍ରଭେଦ ନ ଥାଏ । ଏଇ ଭଲ ପାଇବା ଛଳରେ ଜଣେ ଯୁବକ ଜଣେ ଅସହାୟା ଯୁବତୀର ସର୍ବସ୍ୱ ଲୁଣ୍ଠନ କରି ଦାଣ୍ଡରେ ଛାଡ଼ି ଦେଇ ପୁଣି ନିଜକୁ ସଚ୍ଚା ପ୍ରମାଣ କରିଦିଏ, ଆଉ ଯୁବତୀ ବାଧ୍ୟ ହୋଇ ପାପକୁ ପ୍ରଶ୍ରୟ ଦେଇ ଘନ ଅନ୍ଧକାର ଭିତରେ ଘୂରି ବୁଲେ, ତେବେ ସେଠାରେ ପ୍ରେମ ରହିଲା କେଉଁଠି ?

କାନ୍ଦୁଥିଲା ସୁପ୍ରିୟା !

ପ୍ରଶାନ୍ତ ସୁପ୍ରିୟା ଆଖିରୁ ଲୁହ ପୋଛି ଦେଇ କହିଲା— ତୁମେ କାନ୍ଦୁଛ ?

ସୁପ୍ରିୟା ପ୍ରଶାନ୍ତ ଛାତି ଉପରକୁ ଢଳି ପଡ଼ି କହିଲା ନାହିଁ । ତେବେ ମୋତେ ବାଧ୍ୟ କଲ କାହିଁକି କହିବାକୁ ?

ଜଅଣା ହେଲ କି ?

କଥାଟି ଏତେ କରୁଣ ଯେ ଆଖିରେ ଲୁହ ରହିଲା ନାହିଁ ।

ଅଚ୍ଛା— ଏତିକି ଥାଉ ।

ନା— ଆଉ ଯଦି ବାକି ଅଛି କହନ୍ତୁ ।

ବାକୀ ଆଉ କିଛି ନାହିଁ, ଯାହା ଥିଲା ସବୁ ପୂରଣ ହୋଇ ଯାଇଛି ।

କିପରି ?

ବୁଝାଇବାକୁ ହେବ— କହି ପ୍ରଶାନ୍ତ ସୁପ୍ରିୟାର ଚିବୁକକୁ ଟିପି ଦେଲା । ପ୍ରଶାନ୍ତ କହିଲା— ତୁମେ ଉପନ୍ୟାସ ପଢ଼ିବାକୁ ଭଲ ପାଅ ?

ହଁ— ମୋର ଖାଲି ଉପନ୍ୟାସ ନୁହେଁ— ସାହିତ୍ୟ ଉପରେ ଆଗ୍ରହ ଅଛି । ମୋର ଭାଇଟି ସ୍କୁଲ ଲାଇବ୍ରେରୀରୁ ବହି ଆଣିଦିଏ ଏବଂ ମୁଁ ପଢି ଫେରାଇ ଦିଏ ।

ବେଶ୍ ! ପ୍ରତିଦିନ ମୁଁ ବହି ଆଣି ଦେବି । ଏଥର ମୁଁ ଯାଏ କହି ପ୍ରଶାନ୍ତ ଘଡ଼ିକୁ ଅନାଇଲା ।

ହଁ— ପୁଣି କେବେ ଦର୍ଶନ ମିଳିବ ?

ଯେଉଁଦିନ ଦେବୀ ମନେ ପକାଇବେ ସେଦିନ ପୂଜାରୀ ଆସିଯିବ

ଦେବୀ ଯଦି କାଲି ମନେ ପକାନ୍ତି ?

ପୂଜାରୀ କାଲି ଆସି ପହଞ୍ଚି ଯିବ ।

କିନ୍ତୁ ପ୍ରଶାନ୍ତ ବାବୁ, ଦେବୀ ଚାହେଁ ପୂଜାରୀ ସବୁବେଳେ ପାଖରେ ଥାଆନ୍ତୁ ।

ଆଉ ପୂଜାରୀର ମଧ୍ୟ ଇଚ୍ଛା ଯେ ସବୁବେଳେ ଦେବୀଙ୍କ ପାଦ ପାଖରେ ବସି ରହିବାକୁ ।

ତେବେ ପୂଜାରୀ ପାଦ ଆଗକୁ ବଢ଼ାଉଛନ୍ତି କାହିଁକି ?

ପ୍ରଶାନ୍ତ ଏହି ପ୍ରଶ୍ନର ଜବାବ ଦେଇ ନ ପାରି ହସି ପକାଇଲା । ପ୍ରଶାନ୍ତ ଚାଲିଗଲା । ସୁପ୍ରିୟାର ହୃଦୟ ବିଜୟିନୀ ପରି ଦୁଲି ଉଠୁଥିଲା ।

×

କଲେଜ କ୍ୟାଣ୍ଟିନରେ ବସି ପ୍ରଶାନ୍ତ ନିଜର ଭାବନାରେ ବୁଡ଼ି ରହିଥିଲା । ଆଜିକାଲି ସେ ଭାବୁଛି ଖାଲି ସୁପ୍ରିୟା କଥା । ସୁପ୍ରିୟାର

ଲୁପ୍ତ ହୋଇ ଯାଉଛି ତା ଆଖି ଆଗରେ । ଗରିବ ଘରର ଝିଅ । ସମାଜ ତା ନାଆଁରେ ଦୁର୍ନାମ ରଟାଇଛି । ସେ ଯାହା ହେଉ ସୁପ୍ରିୟା ଫୁଲ ପରି କୋମଳ— ନିଷ୍କଳଙ୍କ । ଚା କପ୍ ଥଣ୍ଡା ହୋଇ ଯାଉଛି ।

ଏତିକିବେଳେ ଯତୀନ୍ଦ୍ର ଆସି ଡାକିଲା— ହାଲୋ ପ୍ରଶାନ୍ତ, ତୁ ଏଠି ବସି କଅଣ ଭାବୁଛୁ । ହଁ ଭାଇ, ଲେଖକ କିନା ।

ନାଇଁ ଭାଇ ବସି ଯାଇଛି ଟିକିଏ— କହିଲା ପ୍ରଶାନ୍ତ ।

ମିଛ କହୁଛୁ, ନୁହେଁ ? ଚା କପ୍ ଓ ଜଳନ୍ତା ସିଗାରେଟକୁ ଦେଖି ମନେହୁଏ ତୁ ବୋଧହୁଏ ଆଉ କେଉଁ ରାଜ୍ୟକୁ ଚାଲି ଯାଇଛୁ ।

ଚା ଦୁଇକପ୍ ଅର୍ଡର କରି ଦେଲା ଯତୀନ୍ଦ୍ର । ବେହେରା ଆଣି ଟେବୁଲ ଉପରେ ଥୋଇ ଦେଇ ପଚାରିଲା ବାବୁ ଆଉ କିଛି ?

ନା— କହିଲା ପ୍ରଶାନ୍ତ ।

ତୋର ପ୍ରେମିକାର ଖବର କଅଣ ?

ବୁଝି ପାରୁନି— କହିଲା ପ୍ରଶାନ୍ତ ।

ଆରେ ସେଇ ସୁପ୍ରିୟା କଥା ।

ଓଃ ସେ ଭଲ ଅଛି ।

ଆରେ ଭଲ ନ ଥାନ୍ତା ଆଉ କଅଣ । ପ୍ରେମର ସମ୍ବନ୍ଧ କେତେ ଦୂର ।

ବହୁତ ଦୂର ଆଗେଇ ଯାଇଛି ଭାଇ ।

ସେ ଯଦି ଠକି ଦିଏ ?

ନା— ସୁପ୍ରିୟା ସେମିତି ଝିଅ ନୁହେଁ । ମୁହଁରେ ବିରକ୍ତି ଭାବ ଫୁଟାଇ କହିଲା ପ୍ରଶାନ୍ତ ।

ତୁ କହୁଛୁ ଭଲ ବୋଲି ?

ନିଶ୍ଚୟ ! ଏଥିରେ ସନ୍ଦେହ ଅଛି ? ଏପରି ସରଳା ଯୁବତୀ କେବେହେଲେ ଖରାପ ହୋଇପାରେ ?

ତୁ ଜାଣୁ ନାହିଁ ଲୋକଙ୍କର ଧାରଣା ତା ପ୍ରତି କଅଣ ?

ଢେର୍ ଶୁଣିଛି— କେବଳ ଗୋଟାଏ ଜନରବ । ସ୍ୱାର୍ଥ ନେଇ ଜଗତଟା ବ୍ୟସ୍ତ । ଯଦି କୌଣସି ଅସଭ୍ୟ ଲୋକ ତା ନାମରେ ଏପରି ରଟନା କରିଥାଏ ? ଆମର ଏଇ ସମାଜରେ ମୁକ୍ତି ନାହିଁ । କିନ୍ତୁ ମୁଁ ଜାଣେ ସୁପ୍ରିୟା କେବେହେଲେ ଚରିତ୍ରହୀନା ହୋଇ ନ ପାରେ । ଅନ୍ୟମାନଙ୍କ ତୁଳନାରେ ସେ ଦେବୀ ଓ ବହୁ ଉଚ୍ଚରେ ।

ବାପା ଯଦି ତୁମ ଦୁଇଜଣଙ୍କ ବିବାହ ପସନ୍ଦ ନ କରନ୍ତି ତେବେ ତୁ ତାକୁ ନେଇ ଚଳିବୁ କିପରି ? ପଚାରିଲା ଯତୀନ୍ଦ୍ର ।

ଏଥିପାଇଁ ଭାବନା ନାହିଁ । ସୁପ୍ରିୟାକୁ ଧରି ମୁଁ ପଥର ପଥିକ ହେବି ।

ଠିକ୍ ଅଛି ଭାଇ— ତୁ ଯେତେବେଳେ ଦୃଢ଼ ସଂକଳ୍ପ କରିଛୁ ମୁଁ ତୋ ମନରେ ଅଧିକ କଷ୍ଟ ଦେବାକୁ ଚାହୁଁନି ।

ଏତିକିବେଳେ ଯତୀନ୍ଦ୍ର ଉଠି କ୍ଲାସକୁ ବାହାରି ଗଲା ।

ପ୍ରଶାନ୍ତ ଭାବୁଥିଲା ଏଇ ଯତୀନ୍ଦ୍ର କଥା । କଲେଜଟା ସାରା ବୁଲି ପକାଇ ଦେଇଛି— ବଜାରୀ, ଲୋଫର୍ । କଲେଜର ସବୁ ଝିଅମାନଙ୍କୁ ବାଟରେ ଘାଟରେ ଥଟ୍ଟା କରିବ, ସେଥିରେ ପୁଣି ଅନ୍ୟ ନାଆଁରେ କହି ବୁଲୁଛି । ବିରକ୍ତ ହୋଇ ପ୍ରଶାନ୍ତ ସାଇକେଲ ଷ୍ଟାଣ୍ଡରୁ ସାଇକେଲ ବାହାର କରି ଘରମୁହାଁ ହେଲା ।

\+ ×

ଘରେ ବସି ସୁପ୍ରିୟା ଭାବୁଥିଲା ପ୍ରଶାନ୍ତ ବାବୁ କାହିଁକି ପୁଣି ଆସି ନୂଆ ରୂପରେ ଦେଖା ଦେଲେ । ଯଦିବା ପୁଣି ଖସି ଭୁଲିଯିବେ,

ଏଥର ଆଉ ମୁଣ୍ଡ ଟେକି ଗୁଲିବା ପାଇଁ ତା'ର ଶକ୍ତି ନ ଥିବ । ସହଜେ ତ ସମାଜ ସହି ନ ପାରି ତାକୁ କଳଙ୍କିନୀ ଆଖ୍ୟା ଦେଇଛି । ଗରିବ ତ ସବୁଦିନେ ଗରିବ । ସମାଜ ବିରୁଦ୍ଧରେ କହିବାକୁ କିଏ ତା ପାଇଁ ଅଛି ? ସୁପ୍ରିୟା ଭାବୁଥିଲାବେଳେ ପ୍ରଶାନ୍ତ ଆସି ଠିଆ ହୋଇଛି, ସେ ଜାଣିପାରି ନାହିଁ ।

ପ୍ରଶାନ୍ତ ଆସି ଦେଖିଲା— ସୁପ୍ରିୟା ବସି ଭାବୁଛି । ତେଣୁ ସେ ତାକୁ ନ ଡାକି ନିଜେ ଭାବିଲା— କାହିଁକି ସମାଜ ସୁପ୍ରିୟା ଭଳି ଗୋଟିଏ ସରଳା ଯୁବତୀ ନାଆଁରେ ଦୁର୍ନାମ ରଟାଇଛି । ହୁଏ ତ ସେ ଗରିବ, ପ୍ରତିବାଦ କରିବାର ଶକ୍ତି ତାର ନାହିଁ । ନୀରବରେ ସବୁ ସହିପାରେ । ଦିନ ଦ୍ୱିପ୍ରହରେ ଯେଉଁ ଝିଅମାନେ ବଡ଼ ବଜାର ଉପରେ— ଛାଡ଼ ସେ କଥା— ସେମାନେ ଧନୀ, ତେଣୁ ତାଙ୍କୁ ସବୁଖୁନ ମାଫ୍ । ପ୍ରଶାନ୍ତ ଆଉ ସମ୍ଭାଳି ନ ପାରି ଡାକିଲା— ପ୍ରିୟା ! ଧଡ଼ପଡ଼ ହୋଇ ସୁପ୍ରିୟା ଉଠି ଆସି ପ୍ରଶାନ୍ତକୁ ନମସ୍କାର କରି ପାଖେଇଟି ନେଲା । ଦୁଇଜଣ ବସିଲେ ପାଖାପାଖି ହୋଇ । ସୁପ୍ରିୟାର ଚିକ୍କଣ କଳା କେଶ କେତେଟା ଲମ୍ବି ପଡ଼ିଥିଲା ମୁହଁ ଉପରେ । ପ୍ରଶାନ୍ତ ହାତରେ ବାଳଗୁଡ଼ିକୁ ପଛକୁ ପକାଇ ଦେଇ ଅନାଇ ରହିଲା ମୁହଁକୁ ତାର ।

ରହି ରହି ପଚାରିଲା ସୁପ୍ରିୟା— କଅଣ ଦେଖୁଛ ?

ଦେଖୁଛି ଅମା ତିଥିରେ ପୂର୍ଣ୍ଣିମା ଚନ୍ଦ୍ରର ଆବିର୍ଭାବ କେଉଁଠି ?

ଏଇ ତ ମୋ ପାଖରେ ।

ଯା— ତୁମେ ମତେ ଯେ କେଉଁ ଗୁଣକୁ ଏତେ ଉଚ୍ଚକୁ ଟେକି ଦେଉଛ ତୁମେ ଜାଣ ?

ମୁଁ ଜାଣିବି ନାହିଁ ଆଉ କିଏ— ମୃଗ କଅଣ ନିଜ ଠାରେ କସ୍ତୁରୀ ଅଛି ବୋଲି ଜାଣି ପାରେ କି ?

ହସିଲା ସୁପ୍ରିୟା— ହସିଲା ପ୍ରଶାନ୍ତ । ସୁପ୍ରିୟାର ମୁଣ୍ଡ ରହିଥିଲା ପ୍ରଶାନ୍ତର ଛାତି ଉପରେ । ଦୁଇଜଣଙ୍କ ଛାତି ଭିତରୁ ବହି ଆସୁଥିଲା ମଳୟ ଝଡ଼ । ବିହ୍ୱଳ ହୋଇପଡ଼ିଲା ପ୍ରଶାନ୍ତ ।

ଦୁଇ ଶରୀରର ମିଳନ ।

ଦୁଇ ଅଧରର ମିଳନ ।

ଆଉ ଦୁଇ ଛାତିର ମିଳନ । ପରିତୃପ୍ତିର ବାସନା ।

କଣ ଭାବୁଛ ? ପଚାରିଲା ସୁପ୍ରିୟା ।

ନା ।

ଡ଼ର ଲାଗୁଛି ?

ନାହିଁ—

ଗୋଡ଼ ଏପଟ ସେପଟ ହେଉ ନାହିଁ ତ ?

ପ୍ରଶାନ୍ତର ଗୋଡ଼ ଥରେ ଉଠିଗଲେ ଖସିଯିବାର ଭୟ ନଥାଏ ।

ଯଦି ବର୍ଷା ତୋଫାନ ଆସେ ।

ଆସୁ ! ଡଙ୍ଗା ଯାହାର ମଜଭୁତ ଅଛି— ଝଡ ବର୍ଷାକୁ ଭୟ କଅଣ ? ମୁଁ ଆଜି ପଚାରିବାକୁ ଆସିଛି—

କଅଣ ପଚାରିବ ?

ଆମ ଦୁଇଜଣଙ୍କ ବିବାହ ।

ସତେ ?

ହଁ ସତ— ତୁମକୁ ଏଇ ଜୀବନଟା ପାଇଁ ସଙ୍ଗିନୀ କରି ନେବାକୁ ମୁଁ ଦୃଢ଼ ପ୍ରତିଜ୍ଞ । ଜାଣେନା ଏଇ ପଥରେ କେତେ କଣ୍ଟା ଫୁଟି ଉଠିବ ?

ସୁପ୍ରିୟା ନୀରବ ।

ପ୍ରଶାନ୍ତ କହିଲା— ଏଇ ଝଡ଼ ଝଞ୍ଜା ଭିତରେ ଚାଲି ପାରିବ ତ ?

ହଁ ।

ପ୍ରଶାନ୍ତ ପକେଟରୁ ସିଗାରେଟ୍ କାଢ଼ି ଲଗାଇଲା ।

ସ୍ୱଳ୍ପ !

ହଁ ଆପଣଙ୍କ ପ୍ରତ୍ୟେକ କଥାରେ, କିନ୍ତୁ ଆପଣ ଏଥିଲାଗି ଭାଗୀ ହଇଯାଣ ହେବେ ।

ସେ କଥା ମୁଁ ବୁଝିବି । ମୁଁ ଜାଣେ ସୁପ୍ରିୟା— ସମାଜ ବିରୋଧ କରିବ— ବାପା ମଝିରେ ଆସି ଠିଆ ହେବେ । ସେ ଯାହା ହେଉ, କୌଣସି ଭୟରେ ପଛକୁ ଫେରିବି ନାହିଁ । କିନ୍ତୁ ତୁମକୁ ସାହସ ଧରିବାକୁ ହେବ । କାହାର କଥା ଶୁଣି ଯେପରି ବିଶ୍ୱାସ ହରାଇବ ନାହିଁ । ବାପାଙ୍କୁ ମୁଁ ବୁଝାଇବି, ଯଦି ସେ ଏଥିରେ ବିରୋଧ କରନ୍ତି ତେବେ ଅନେକ ଜାଗା ଅଛି, ଯେଉଁଠି ଆମେ ଦୁଇଜଣ ସୁଖରେ ରହି ପାରିବା । ଅଚ୍ଛା ମୁଁ ଯାଉଛି— ବହୁତ ଡେରି ହେଲାଣି କହି ପ୍ରଶାନ୍ତ ଘର ଭିତରୁ ବାହାରି ଆସିଲା— ପଛେ ପଛେ ସୁପ୍ରିୟା ତାର ଅନୁସରଣ କରି ଅଟକି ଗଲା । ପ୍ରଶାନ୍ତ ମଧ୍ୟ ସେଠାରେ ଅଟକିଲା ।

କାନ୍ଥରେ ଟଙ୍ଗା ହୋଇଛି ପୋଷ୍ଟ କାର୍ଡ ସାଇଜର ଫଟୋ ଖଣ୍ଡେ । ଅଯତ୍ନରୁ ମଇଳା ହୋଇଗଲେ ବି ଗମ୍ଭୀରତାର ପରିଚୟ ଦିଏ । ପ୍ରଶାନ୍ତର ଆଖି ଦୁଇଟି ହଠାତ୍ ଲାଖି ରହିଲା ଫଟୋ ଉପରେ । ସୁପ୍ରିୟା ମଧ୍ୟ ସେଇଆଡ଼େ ଚାହିଁଥିଲା— ଝର ଝର ପଡ଼ିଲା ସୁପ୍ରିୟା ଆଖିରୁ ଦୁଇଧାର ଲୁହ— ଜାଗି ଉଠିଲା ଅତୀତର ପୋଛି ହୋଇଥିବା ସ୍ମୃତିଗୁଡ଼ିକ । ରୋମଗୁଡ଼ିକ ଠିଆ ହୋଇ ଉଠିଲେ ଏକାବେଳେକେ । ପ୍ରଶାନ୍ତ କିଛି କହିବା ପୂର୍ବରୁ ସୁପ୍ରିୟା ଲୁହ ପୋଛି ପକାଇ ଥିଲା । ଯେତେ ହେଲେ କଅଣ ପ୍ରେମିକ ପାଖରେ ପ୍ରେମିକାର ଲୁହ ଛପି ରହେ ? ଅପ୍ରାକୃତିକ ବନ୍ଧ କଅଣ ନଈର ସମୁଦ୍ର-ଯାତ୍ରା ପଥରେ ପ୍ରତିବନ୍ଧକ ରୂପେ ଠିଆ ହୋଇ ପାରେ ? ଅବଶ୍ୟ ଏ ଭଳି ପ୍ରେମିକ

ଏ ଯୁଗରେ ଦେଖିବାକୁ ମିଳନ୍ତି ନାହିଁ— ବର୍ତ୍ତମାନର ପ୍ରେମ ପ୍ରେମ ନୁହେଁ— ଖାଲି ଗୋଟାଏ ପୈଶାଚିକ ପ୍ରବୃତ୍ତିର ଚରିତାର୍ଥ କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ । ଝିଅଟିଏ ଦେଖିଲେ ସମସ୍ତଙ୍କର ଅଟ୍ଟ, ପରିହାସ— ପୈଶାଚିକ ପ୍ରବୃତ୍ତିର ବଳବତୀ ଇଚ୍ଛା ଘନେଇ ଉଠେ । ଘୁଣି ନଈକୂଳରେ କମ୍ପା ପାର୍କରେ ଝିଅଟିଏ ଏକା ବୁଲିବା ମଧ୍ୟ ଗୋଟାଏ ଅସମ୍ଭବ ବିପଦ । ହୁଏତ ମୃତ୍ୟୁ ତାର ନିକଟ ହୋଇ ଆସିଥିବ ।

ଏ ଫଟୋ ଆପଣଙ୍କ ବାପାଙ୍କର ନା ?— ପଚାରିଲା ପ୍ରଶାନ୍ତ ।

ହଁ, ପ୍ରଶାନ୍ତ ବାବୁ ଏଇ ହତଭାଗିନୀର ବାପା—

ବୟସ ତ ସେତେ ବେଶୀ ନୁହେଁ— ଫଟୋକୁ ନିରେଖି ଚାହିଁ ମନ୍ତବ୍ୟ ଦେଲା ପ୍ରଶାନ୍ତ ।

ନା ପ୍ରଶାନ୍ତ ବାବୁ! ବାପାଙ୍କୁ ବେଶୀ ବର୍ଷ ହୋଇ ନ ଥିଲା । କେବଳ ଚିନ୍ତାରେ ସେ ଶଯ୍ୟାଶାୟୀ ହୋଇ କାଳର କରାଳ ବକ୍ଷରେ ମିଶିଗଲେ ।

ତାଙ୍କ ଜୀବନରେ ଏପରି କଅଣ ବିଶେଷ ଘଟଣା ଘଟିଲା ? ପଚାରିଲା ପ୍ରଶାନ୍ତ ।

ତେବେ ଶୁଣନ୍ତୁ— ବର୍ତ୍ତମାନ ଯାହା ଦେଖୁଛନ୍ତି ଆମର ଅବସ୍ଥା ଏପରି ନ ଥିଲା । ବାପା ଦରମା ଚାରି ମାସକୁ ପାଉଥିଲେ— ଶହେ ପାଞ୍ଚଟଙ୍କା । ଏଇ କଟକ ସହରରେ ଆମେ ତିନିଜଣ ଲୋକ କୌଣସି ପ୍ରକାରେ ଚଳି ଯାଉଥିଲୁ । ସିନେମା, ଥିଏଟର, ଆଉ ଭଲ ମନ୍ଦ କଥା ବୁଝିବାକୁ ଆଉ ବା ଆସିବ କୁଆଡୁ । ଏ ତ ଗଲା ସୁଖର କଥା— ଏପରିକି ଆମ ଭିତରୁ ଜଣେ କେହି ବେମାର ପଡ଼ିଗଲେ ଔଷଧ ବ୍ୟବସ୍ଥା ମଧ୍ୟ ଭଲ ଭାବେ ହୋଇ ପାରୁ ନ ଥିଲା । ବାପାଙ୍କର ମଧ୍ୟ ଅନ୍ୟ ରୋଜଗାର ନ ଥିଲା— କୁଆଡୁ ବା ଆସିବ ।

ହେଲେ ସେଇ ଟିଉସନ । ଗୋଟିଏ ମିଳିଲା ମାସକେ ଶହେ ଟଙ୍କା ଦୁଇଶ ଜଣ ମୁହିଁ ମାରି ସାରିଦେଣି । ଠିକ୍ ଇଶ୍ବରଭକ୍ତ ଭଳି । ସେଥିରେ ପୁଣି କିରାଣି ଗିରିକରି । ଦିନ ରାତି ଚବିଶ ଘଣ୍ଟା ଅଫିସରେ ଖଟି ଥାଆନ୍ତି । ଆଜିକାଲି ଯାହାକୁ କହୁଛନ୍ତି— ଅମଲାତନ୍ତ୍ର ଶାସନ । ଦିନକୁ ଦିନ ମନ୍ତବ୍ୟ ଉପରେ ମନ୍ତବ୍ୟ । କିନ୍ତୁ ଅନୁଭବୀ ମାନଙ୍କେ ଜାଣି ପାରିବେ କିରାନୀର ଅଧିକାର କେତେ । ସବୁବେଳେ ତାକୁ ହାକିମଙ୍କର ମର୍ଜି ଦେଖି ଚଳିବାକୁ ପଡ଼ିବ । ସେଥିରେ ଦିନେ ତ୍ରୁଟି ହେଲେ କୈଫିୟତ ତଲବ । କାରଣ ସେ ଅଛି ଅଫିସରଙ୍କ ଆଖି ଆଗରେ । ଯେଉଁମାନେ ମାସକ ପାଇଁ ଛୁଟି ପକାଇ ଉଣେଇଶ ଦିନ ଘରେ ରହନ୍ତି, ତାଙ୍କ ପାଇଁ କୈଫିୟତ ତଲବଟା କୁଆଡ଼େ ଯାଏ ? ଆଉ ଯେଉଁମାନେ ତିନିଘଣ୍ଟା ଡେରିକରି ଅଫିସକୁ ଆସନ୍ତି ତାଙ୍କପାଇଁ ନିୟମଟା କେଉଁଠିକି ଯାଏ ? ମୁଁ ଦେଖିଛି ବାପା କିଛି ନ ଖାଇ ମଧ୍ୟ ମାସରେ ୧୫ ଦିନ ଅଫିସକୁ ଯାଇଛନ୍ତି । ସେ ଯାହା ହେଉ ଏତିକି ବେଳେ ବାପାଙ୍କର ଭାଗ୍ୟ ଖରାପ ହେଲ ଆସିଲା । ଜଣେ ନୂଆ ହାକିମ ତାଙ୍କ ଉପରେ ରାଗି ସବୁବେଳେ ସୁବିଧା ଖୋଜି ବୁଲିଲେ । ଅଫିସର ଯଦି ଚାହିଁବେ ତେବେ କଅଣ ଭୁଲ ବାହାର କରି ପାରିବେ ନାହିଁ ? ଶେଷରେ ସେଇଆ ହେଲା । ବାପାଙ୍କୁ ସସ୍‌ପେଣ୍ଡ କରାଗଲା । ଦୋଷ ଭିତରେ ଏତିକି ବାପା ମୁହେଁ ମୁହେଁ କହନ୍ତି । ଏ ଗଣତନ୍ତ୍ର ଶାସନ ଯୁଗରେ ମଧ୍ୟ ଏଇଟା ହାକିମମାନଙ୍କୁ ଅସହ୍ୟ ହେଲା । ଯୋଉଠି ପୁରା ଟଙ୍କା ପାଇ ସଂସାର ଚଳୁ ନଥିଲା ସେଠି ଅଧା ଟଙ୍କାରେ ଚଳିବ କିପରି ? ବାପା ପୁଣି ଅପିଲ କଲେ । ଗୋଟାଏ ବର୍ଷ ପରେ ତାଙ୍କୁ ଡିସଚାର୍ଜ କରାଗଲା । ଏକେ ତ ପେଟ ଚିନ୍ତା, ତା ଉପରେ ପୁଣି ମହାଜନମାନଙ୍କର ନାଲି ଆଖି— ବାପା ଦିନକୁ ଦିନ ଚିନ୍ତାରେ ଶୁଖି ଗଲେ । ଏତିକିବେଳେ ପୁଣି କୁଆଡ଼ୁ ଘୋଟି ଆସିଲା

ଜ୍ୱର । ସଞ୍ଚିତ ଟଙ୍କା ତ କିଛି ନାହିଁ— କୋଉରି ବାଙ୍କୀ ଗହଣା ଯେଉଁ ଦୁଇଖଣ୍ଡି ଥିଲା ସେତକ ମଧ୍ୟ ଗଲା । ନିୟତିର ଇଚ୍ଛା ଅନ୍ୟ ପ୍ରକାର । ଗୃହିଣୀଙ୍କ ଜର ପରେ ବାପା ଆମକୁ ଭସାଇ ଦେଇ ଚାଲି ଗଲେ । ତା ପରେ— ଆମ ଅବସ୍ଥା ଯାହା ହୋଇଥିବ ଆପଣ ଭାବି ନିଅନ୍ତୁ । ଗରିବ— ଗରିବ ହୋଇ ଦୁନିଆରେ ଜନ୍ମ ହେଲେ ସବୁ ଶୁଣିବାକୁ ପଡ଼େ । ବାଧ୍ୟ ହୋଇ ମୁଁ ଚାକିରି କଲି । ସେଥିରେ ମଧ୍ୟ ଦୁଃଖ ସରିଲା ନାହିଁ— କିଏ କେତେ ପ୍ରକାର କହିଲେ । ତା ପରେ—

ତା ପରେ ଆଉ ଯାହା ମୁଁ ସବୁ ଶୁଣିଛି— କହିଲା ପ୍ରଶାନ୍ତ । ତୁମେ ସବୁ ଶୁଣିଛ…… ଥଙ୍ଗେଇ ଥଙ୍ଗେଇ କହିଲା ସୁପ୍ରିୟା । ବହି ଆସୁଥିବା ଧାର ଧାର ଲୁହକୁ ରୁମାଲରେ ପୋଛି ଦେବାକୁ ଯାଇ ପ୍ରଶାନ୍ତ କହିଲା— ହଁ ପ୍ରିୟା !

ତେବେ ମଧ୍ୟ ତୁମେ ମୋତେ ଗ୍ରହଣ କରିବାକୁ ଚାହଁ—

ସୁନାକୁ ନିଆଁରେ ଫିଙ୍ଗି ଦେଲେ ତାର ଜ୍ୟୋତି ଯାଏ ନାହିଁ । …ସମାଜ ତୁମ ନାଆରେ କହିଲେ ମଧ୍ୟ ମୋ ହୃଦୟ ସେ ସବୁ ଚାହୁଁ ନାହିଁ । କହି ପାରିବ କି ପ୍ରିୟା, ଯେଉଁ ଝିଅମାନେ ହାଟ୍ ବଜାର ଉପରେ ଏକାଧିକ ଯୁବକଙ୍କୁ ଭଲ ପାଇ ଶେଷରେ ଅଲଗା ହୋଇ ଯାଆନ୍ତି, ସେମାନେ କଅଣ ଚରିତ୍ରହୀନା ହେବେ ନାହିଁ— ଆଉ ଯେ ପେଟ ବିକଳରେ ଚାକିରି ଖଣ୍ଡେ ଆଶ୍ରା କଲା ସେ ହେଲା କଳଙ୍କିନୀ । ତଫାତ୍ ଏତିକି ତାଙ୍କର ନାହିଁ ମଠରକାର୍— ଲକ୍ଷ ଲକ୍ଷ ଟଙ୍କା । ମୁହଁରେ ମିଠା ମିଠା କଥା । ବଡ଼ଲୋକ ଯେତେ ଖରାପ କାମ କଲେ ମଧ୍ୟ ସମସ୍ତେ ସହିଯିବେ ମଉନ ହୋଇ । ଦୁଃଖ କରିବାର କିଛି ନାହିଁ ପ୍ରିୟା— ଧନ ଆସିବ ଯେତେବେଳେ ଲୋକ ନିଜର ଭୁଲ ବୁଝି ପାରିବେ । ପୁଞ୍ଜିପତି ଆଉ ପୁଞ୍ଜିପତି ହୋଇ ନ ଥିବ,

ସେ ମଧ୍ୟ ଭ୍ରମରମାନଙ୍କ ପରି ଜଣେ ହୋଇ ଆତ୍ମ ସମର୍ପଣ କରିବାକୁ ବାଧ୍ୟ ହେବ ।

ସୁପ୍ରିୟା ଆଖିରୁ ଲୁହଧାର ଶୁଖି ନ ଥିଲା । ସେ ନୀରବରେ ଅନାଇଲା ପ୍ରଶାନ୍ତକୁ । ଆହା କି ଉଦାର ଯୁବକ— ପ୍ରଶାନ୍ତ ନାମର ସାର୍ଥକତା ଅଛି ଏଇଠି । ପୁଞ୍ଜିପତିର ପୁଅ ହୋଇ ଗୋଟାଏ ଗରିବ ଝିଅ ପ୍ରତି ଏତେ ଦୂର ଆକୃଷ୍ଟ କାହିଁକି ? ପ୍ରଶାନ୍ତ ଉପରକୁ ମନ ତା'ର ଢଳି ପଡ଼ିଲା ଭକ୍ତିରେ ।

ପ୍ରଶାନ୍ତର ଯୁବକ ପ୍ରାଣ ଦୁଃଖରେ ଭରି ଆସିଲା । ସୁପ୍ରିୟା ପ୍ରତି ସହାନୁଭୂତି ଜାଗି ଉଠିଲା । ଗରିବ ହେଲେ ମଧ୍ୟ ତା'ର ଉଚ୍ଚ ଆଦର୍ଶ ହଜିଯାଇ ନାହିଁ । ସୁପ୍ରିୟା ପ୍ରକୃତରେ ସୁ-ପ୍ରିୟା । ପ୍ରଳୟର ଝଞ୍ଜା ବହିଗଲେ ମଧ୍ୟ ସେ ସୁପ୍ରିୟାକୁ ଗ୍ରହଣ କରିବ । ଆଉ ଥରେ ସୁପ୍ରିୟା ଆଖିର ଲୁହ ପୋଛି ଦେଇ ପ୍ରଶାନ୍ତ ବିଦାୟ ନେବାକୁ ପ୍ରସ୍ତୁତ ହୋଇ ପଡ଼ିଲା ।

ସୁପ୍ରିୟା ଠାରୁ ବିଦାୟ ନେଇ ପ୍ରଶାନ୍ତ ଘରକୁ ଫେରିଲା । ଘରେ ଗୋଡ଼ ଦେବା କ୍ଷଣି ଚାକର କହିଲା— ବାବୁ, ଅଞ୍ଜଳୀ ଦେବୀ ମଟର ନେଇ ଆସିଥିଲେ । ବହୁତ ସମୟ ଅପେକ୍ଷା କଲା ପରେ ଫେରି ଯାଇଛନ୍ତି ।

ଆଉ କଅଣ କହୁଥିଲେ ତୋତେ— ପଚାରିଲା ପ୍ରଶାନ୍ତ ।

ନା କିଛି କହି ନାହାନ୍ତି, କଅଣ ଖଣ୍ଡେ ଚିଠି ଆପଣଙ୍କ ଟେବୁଲ୍ ଉପରେ ରଖି ଦେଇ ଯାଇଛନ୍ତି ।

ଠିକ୍ ଅଛି, ମୁଁ ଚିଠି ଦେଖି ନେଉଛି— ଶୀଘ୍ର ଚା ତିଆରି କରି ଦେଇ ଯା ।

ଚାକର ଚାଲିଗଲା । ପ୍ରଶାନ୍ତ ନିଜ ରୁମ୍‌କୁ ଆସି ଚେୟାର ଉପରେ ବସି ପଡ଼ି ଚିଠିଟା ଉଠାଇ ପଢ଼ି ବସିଲା । କେଳିଅ ସୁନ୍ଦର ଲଫାଫାଟିଏ,

ବୋଧହୁଏ ନିମନ୍ତ୍ରଣ ପତ୍ର । ପ୍ରଶାନ୍ତ ଲଫାଫା ଚିରି କାଗଜ ଖଣ୍ଡିକ ବାହାର କରି ପଢ଼ି କହିଲା— ଓଃ ଅଞ୍ଜଳୀର ଜନ୍ମଦିନ— ନିଶ୍ଚୟ ଯିବାକୁ ହେବ । ଅଞ୍ଜଳୀର ଅନୁରୋଧ ଥିଲା— ପ୍ରଶାନ୍ତ ବାବୁ ଆପଣ ନିଶ୍ଚୟ ଆସିବେ ଯେପରି ! ଆପଣଙ୍କ ଆସିବାକୁ ଅପେକ୍ଷା କରିଛି, ନ ହେଲେ ଭାରି ରାଗିବି ଆପଣଙ୍କ ଉପରେ—କଥା ମଧ୍ୟ କହିବି ନାହିଁ । ମନେ ମନେ ହସିଲା ପ୍ରଶାନ୍ତ । ଗୋଟାଏ ଶିକ୍ଷିତା ଝିଅର କଲମ ଲେଖାରେ । ଚାକର ଆଣି ଚା ଦେଇଗଲା । ପ୍ରଶାନ୍ତ ଜଲଦି ଚା ଶେଷ କରି ପ୍ରସ୍ତୁତ ହୋଇ ପଡ଼ିଲା । ସାଇକେଲ୍ ଖଣ୍ଡିକ ବାହାର କରି ସେ ରାସ୍ତା ଉପରକୁ ଉଠିଲା । ଅଞ୍ଜଳୀର ଘର, ବଡ଼ ଲୋକର ଘର— ଜନ୍ମଦିନ ସକାଶେ ଅତି ସୁନ୍ଦର ସାଜ ସଜାରେ ସଜ୍ଜିତ । ଗୃହଅଗ୍ରେ ଟେବୁଲ ଚେୟାର ପଡ଼ିଛି । ରେଡ଼ିଓ ତାର ସୁପରିଚିତ ଗୀତ ମେଲାଇ ଦେଇଛି ଶ୍ରୋତାମାନଙ୍କ ଉଦ୍ଦେଶ୍ୟରେ । ନେଳି, ନାଲି ବିଜୁଳି ଆଲୁଅଗୁଡ଼ିକ ତାରାମାନଙ୍କୁ ଉପହାସ କରିବାରେ ଲାଗି ଥାଆନ୍ତି । ପ୍ରଶାନ୍ତ ହତା ଭିତରକୁ ସିଧା ପଶିଲା । ନିମନ୍ତ୍ରିତ ଭଦ୍ର ଲୋକଙ୍କ ପାଖକୁ ନ ଯାଇ ସେ ପ୍ରଥମେ ଅଞ୍ଜଳୀକୁ ଦେଖା କରିବାକୁ ଗଲା । ପ୍ରଶାନ୍ତ ପହଞ୍ଚିଲା ବେଳକୁ ଅଞ୍ଜଳୀ ରିଷ୍ଟୱାଚ୍ ବାନ୍ଧୁଥିଲା ହାତରେ । ପ୍ରଶାନ୍ତକୁ ଦେଖି ଅତି ନମ୍ର ସହିତ ନମସ୍କାର କରି ବସିବାକୁ କହିଲା । ନିଜେ ମଧ୍ୟ ଗୋଟିଏ ଚେୟାର୍ ଦଖଲ କରି ନେଇ କହିଲା —"ଆପଣ ଆସିଲେ ମୁଁ ଭାରି ଦୁଃଖ କରୁଥିଲି— କାଳେ ଆପଣ ନ ଆସିବେ ? କିନ୍ତୁ ପ୍ରଶାନ୍ତ ବାବୁ ଆପଣ ନ ଆସିଥିଲେ ମୋର ଦୁଃଖ ଅଧିକା ହୋଇ ଥାଆନ୍ତା । ଆପଣଙ୍କ ଆସିବା ବେଳକୁ ମୁଁ ଏତେ ଖୁସି ହୋଇ ଯାଇଛି ଯେ ଜୀବନରେ ଦିନେ କେବେ ହେଲେ ଏପରି ଖୁସି ହୋଇନ । ଆପଣ ଜାଣନ୍ତିନି ବୋଧହୁଏ ପ୍ରଶାନ୍ତ ବାବୁ ଯେ ଯାହାକୁ ଭଲ ପାଏ, ତାର ଅନୁପସ୍ଥିତିରେ କି ଦୁଃଖ ଅଟେ

ମନରେ । ମୁଁ ଆପଣଙ୍କୁ ଭଲ ପାଏ, ଖୁବ୍ ଭଲ ପାଏ ତେଣୁ ଆପଣଙ୍କ ପ୍ରତ୍ୟେକ କଥା, ବ୍ୟବହାର ମୋତେ ଭଲ ଲାଗେ । ଆଜି ହଠାତ୍ ମା'ଆଙ୍କୁ କହି ପକାଇଲି ଆପଣଙ୍କ କଥା— ସେ ମଧ୍ୟ ସଙ୍ଗେ ସଙ୍ଗେ ବାପାଙ୍କୁ ଜଣାଇ ଦେଇଛନ୍ତି । କହନ୍ତୁ ତ ପ୍ରଶାନ୍ତ ବାବୁ ଆପଣ ମୋତେ ଜୀବନ ସାଥି କରିବାକୁ ଚାହାଁନ୍ତି ତ ?

ମାନେ— ଆପଣ କଅଣଗୁଡ଼ାଏ କହି ଯାଉଛନ୍ତି ? କହିଲା ପ୍ରଶାନ୍ତ ।

ମୁଁ କହୁଛି ବିବାହ କଥା— ଆପଣଙ୍କ ସହିତ ମୋର ବିବାହ ପ୍ରଶ୍ନ ।

ପାଗଳୀ ହୋଇ ଗଲେଣି ଆପଣ ଅଞ୍ଜଳୀ ଦେବୀ । ମୋତେ ବିବାହ କରି ଆପଣ ଜୀବନରେ ସୁଖୀ ହେବେ ନାହିଁ । ଭଲ କରି ଭାବି ଦେଖନ୍ତୁ ବିବାହ ଗୋଟାଏ ଖେଳଘର ନୁହେଁ— ସାରା ଜନ୍ମ ପାଇଁ ବନ୍ଧନ । ଏହା ଏତେ ସ୍ତ୍ରେଷ୍ଟ କଥା ବୋଲି ଭାବନ୍ତୁ ନାହିଁ । ଅନ୍ତର ସହିତ ଅନ୍ତରର ମିଳନ ନ ହେଲେ ବାହାରେ ବିବାହ କରିବା ନୀତିକୁ ପୈଶାଚିକ ପ୍ରବୃତ୍ତି ଛଡ଼ା ଅନ୍ୟ କିଛି କୁହାଯାଇ ନ ପାରେ । ଏଥିରେ ନାହିଁ ସୁଖ— ନାହିଁ ଶାନ୍ତି, ଜୀବନଟା ହା ହୁତାଶ ହୋଇ ଉଠେ । ଅବସାଦ ଘନେଇ ଉଠେ ଜୀବନରେ । ମୋ ଉପଦେଶ ଯେମିତି ତୁମେ ଏଥିରୁ କ୍ଷାନ୍ତ ହୁଅ— ଯଦିବା ମୋତେ ଭଲ ପାଅ ତେବେ ଧନିଜାଅ ଏଇ ମୋର ଆଦେଶ ।

ଅଞ୍ଜଳୀର କଳିଜା ଭିତରୁ ନିଆଁ ଜଳି ଉଠୁଥିଲା । ସୁନ୍ଦର କଳା ଡୋଳା ଦୁଇଟି ରଙ୍ଗ ହୋଇ ଆସୁଥିଲା ଉତ୍ତେଜନାରେ । ଜମି ଆସୁଥିବା ଝାଳ ପୋଛି ସେ କହିଲା— ନା ପ୍ରଶାନ୍ତ ବାବୁ ଆପଣ ଏପରି କୁହନ୍ତୁ ନାହିଁ— ମୁଁ ଯେ ଆପଣଙ୍କୁ ଭଲ ପାଏ । ଆପଣ କଅଣ ମୋ ଜୀବନର ଓସୀଭିମନ୍ୟୁ ପ୍ରଷ୍ଟ ଟିକ ଗୋଲାପ ଉପରେ

ପଦାଘାତ କରିବାକୁ ଚାହାନ୍ତି ? — ଆପଣ କଅଣ ମୋର ଜୀବନର ଆଶା ଭରସା ଟିକକ କାଢ଼ି ନେବାକୁ ଚାହାଁନ୍ତି ? କହନ୍ତୁ ପ୍ରଶାନ୍ତ ବାବୁ ! ମୁଁ କଅଣ କରିବି ଏବେ, ଅପମାନର ବିରାଟ ଆକାଶ ଛିଡ଼ି ପଡ଼ିବ ମୋ ମୁଣ୍ଡ ଉପରେ । ଆପଣ ଜାଣନ୍ତି ନାହିଁ ପ୍ରଶାନ୍ତ ବାବୁ ନାରୀର ଭାବନା, ନାରୀର ମନ । ସେ କାହାକୁ କିଛି ଖୋଲି କହି ପାରେନି, କେବଳ ନୀରବରେ ଭାବେ ଓ ଖୁବ୍ କାନ୍ଦପାରେ— ଏଇଥିରେ ତାକୁ ମିଳେ ଶାନ୍ତି । ଖୁବ ଗୁଡ଼ାଏ କାନ୍ଦ ପକାଇଲେ ମନର ଦୁଃଖ ଲଘବ ହୋଇଯାଏ । ଆପଣ ଭାବୁଥିବେ ମୁଁ ଧନୀ ଘରର ଝିଅ, ତେଣୁ ମୋର ହୃଦୟ ଭିନ୍ନ ପ୍ରକାରରେ ଗଢ଼ା—ଏହା ଯଦି ପ୍ରକୃତ ଆପଣ ଭାବୁ ଥାଆନ୍ତି ତେବେ ନିତାନ୍ତ ଭୁଲ । କି ଧନୀ କି ଗରିବ— ସବୁ ଝିଅଙ୍କର ଭାବନା ଏକାପରି । ଆପଣ ଏବେ ମନା କରିଦେବା ମାନେ ସମାଜ ଲୋକେ କଅଣ ଭାବିବେ ଜାଣନ୍ତି ? ମୋର କିଛି ଖରାପ ବ୍ୟବହାର ଦେଖି ଆପଣ ବିବାହ ହେବାକୁ ରାଜି ହେଲେ ନାହିଁ । ମୋ ଠାରୁ ଅଧିକ ଦୁଃଖିତ ହେବେ ବାପ, ମାଆ । ସେ ଯେ କି ପ୍ରକାର ଦୁଃଖ ଅନୁଭବ କରିବେ ଆପଣ କଳ୍ପନା କରି ପାରିବେ ନାହିଁ । କାରଣ ଆପଣ ଝିଅର ବାପ ହୋଇ ନାହାନ୍ତି ଅନୁଭବ ନ କଲେ କେହି ପରର ଦୁଃଖ ବୁଝିବାକୁ ସକ୍ଷମ ହୁଏନା, କିମ୍ବା ବୁଝିଲେ ମଧ୍ୟ ସେତେ ଗୁରୁତ୍ୱ ଦିଏ ନାହିଁ । ମୁଁ ଚାହିଁ ଥିଲି ଆପଣଙ୍କୁ ଜୀବନର ସାଥି କରି ନେବାକୁ ।

ମୋତେ ଭୁଲ ବୁଝ ନାହିଁ ଅଞ୍ଜଳି କିମ୍ବା ଭାବ ପ୍ରବଣତାରେ ଭାସି ଯାଇ ଗୋଟାଏ ମସ୍ତବଡ଼ ଭୁଲ ଭବିଷ୍ୟତକୁ ଡ଼ାକ ନାହିଁ । ତୁମେ ଶିକ୍ଷିତା— ଉପଦେଶର ମୂଲ୍ୟ ବୁଝି ପାରିବ । ତୁମେ ମୋତେ ବିବାହ କଲେ ଜୀବନରେ ସୁଖୀ ହୋଇ ପାରିବ ନାହିଁ— ବରଂ ଅନ୍ୟ ଯାନ୍ତା ଦେଖ— ତୁମର ଅଛି ଧନ, ଯୌବନ— ସୌନ୍ଦର୍ଯ୍ୟ—

ମୋ ଭଳି କେତେ ସୁନ୍ଦର ଯୁବକ ତୁମକୁ ଜୀବନର ସାଥି କରି ନେବାକୁ ଆଗଭର ହେବେ ।

ଆଉ ବେଶୀ କହନ୍ତୁ ନାହିଁ— ପ୍ରଶାନ୍ତ ବାବୁ ! ଦିନେ ମୁଁ ଭାବିଥିଲି ଆପଣ ଜଣେ ସଚ୍ଚା ପ୍ରେମିକ ଆଉ ଆଦର୍ଶବାଦୀ ଯୁବକ— ଆଜି ଦେଖୁଛି ତୁମେ ଗୋଟାଏ ନିତାନ୍ତ ଭୀରୁ— ପ୍ରତାରକ— ପ୍ରବଞ୍ଚକ— ତୁମେ ଏଇ ଆଦର୍ଶ ନେଇ ଜଣେ ବିଶିଷ୍ଟ ଲେଖକ ହୋଇଛ— ଯେଉଁଥିରେ ନାହିଁ— ନୀତି— ବାସ୍ତବତା— ସତ୍ୟତା— ତୁମେ ଲେଖିଥିଲ ନା— "ପ୍ରିୟା ମୋ ପ୍ରେମ ରକ୍ତ ଗୋଲାପ ସମ, ପ୍ରେମିକ ଭ୍ରମର ମୁଁ ଯେ ସାଥି ସେ ମମ ।" ଏ କାହା ପାଇଁ ଲେଖା ହୋଇଥିଲା କଲେଜ ମ୍ୟାଗେଜିନରେ ଜାଣି ପାରେକି ?

କହିବାକୁ ଦୁଃଖ ଲାଗେ, ତୁମେ ଆଜି ସେହି ପ୍ରଶାନ୍ତ ନୁହଁ । ତୁମର ସେଇ ପ୍ରଶାନ୍ତ ମନ, ପ୍ରଶାନ୍ତ କବିତାର ଧାରା, ଜଳିଭି ଯାଇଛି— ଆଉ ତା ବଦଳରେ ଠିଆ ହୋଇଛି ସଙ୍କୀର୍ଣ୍ଣତା—ଭୀରୁତା । କାହିଁକି ଏ ଅଧୋପତନ ତୁମର ପ୍ରଶାନ୍ତ ବାବୁ ? ମୁଁ ଏବେ କଅଣ କରିବା କହି ପାରିବେକି ? ଗୋଟିଏ ନିରିହା ନାରୀକୁ ଜଳାଇ ପୋଡ଼ାଇ ତୁମେ କି ବାହାଦୁରି ନେବ ? ଆଦର୍ଶ ଚନ୍ତାଧାରି ମାନେ ସମାଜର ମୂଳ ପିଣ୍ଡ । ଯେ କୌଣସି ଗୋଟାଏ ହୀନ ଭାବ ପ୍ରବଣତାରେ ଭାସି ଯାଇ, କ୍ଷଣକ ଭୁଲ ଲାଗି ତୁମେ ଗୋଟିଏ ଜୀବନକୁ ନଷ୍ଟ କରି ଦେବାକୁ ଧାଇଁଛ, ଏ କଣ ଠିକ୍ ହେବ ପ୍ରଶାନ୍ତ ବାବୁ ?

ତୁମ ଠାରୁ ଉପଦେଶ ଶୁଣିବାକୁ ମୁଁ ଆସି ନାହିଁ— ପ୍ରଶାନ୍ତ ଥରେ ଯାହା କହେ ଆଉ ତାକୁ ଫେରାଇ ଆଣିପାରେ ନାହିଁ । ଖାଲି ସେତିକି ନୁହେଁ ତୁମେ ମୋତେ ହତ୍ୟା କଲେ ବି ମୁଁ ମୋର ନୀତି ଛାଡ଼ିବାକୁ ଏକାବେଳେକେ ଅକ୍ଷମ । ଦୟାକରି ଏ ପ୍ରକାର ଭାବନା ମନରୁ ଲିଭାଇ ଦିଅ ଏବଂ ତୁମର ଭବିଷ୍ୟତ ପାଇଁ ସଚେତ ହୁଅ ।

ତେବେ ତୁମେ ମୋତେ ଭଲ ପାଅନା ?

ନା— ଅଦୌ ନୁହେଁ— କହିଲା ପ୍ରଶାନ୍ତ ।

ପ୍ରଶାନ୍ତ ବାବୁ— ଗଳା ଥର ଉଠୁଥିଲା ଅଞ୍ଜଳୀର— ଅସ୍ତେ ଅସ୍ତେ ସେ ଚେୟାର୍ ଉପରେ ଲୋଟି ପଡ଼ିଲା, ଅଳ୍ପ ସମୟ ପରେ ମୁଣ୍ଡ ଟେକି କହିଲା— ବାହାର ଯାଅ— ନୀଚ— ଅପରିଣାମଦର୍ଶୀ ଯୁବକ— ତୁମର ମୁହଁ ଦେଖିବାକୁ ଶେଷ ପର୍ଯ୍ୟନ୍ତ ମୁଁ ଘୃଣା କରେ— ଯାଅ— ଯାଅ— ଯାଅ— ଚାଲିଯାଅ ।

ପ୍ରଶାନ୍ତ ଘରୁ ବାହାର ଆସୁଥିଲା ଧୀରେ ଧୀରେ— ପଛକୁ ଚାହିଁ ଦେଖିଲା ଅଞ୍ଜଳି ଆଖିରେ ଲୁହ । ପ୍ରଶାନ୍ତର ମନ ଗୋଳମାଳିଆ ହୋଇଗଲା । ଗୋଡ଼ ଦୁଇଟା ତା ନିଜ ଅଜାଣତରେ ଆଗେଇ ନେଉଥିଲେ ତାକୁ । ଫାଟକ ପାରି ହୋଇ ସେ ବାହାରକୁ ଆସିଲା । ମନେ ମନେ ଭାବୁଥିଲା ସେ କଅଣ ଠିକ୍ କରିଛି ? ଆଜ ଅଞ୍ଜଳୀର ଜନ୍ମ ଦିନରେ— କଅଣ ଭାବିବେ ତାକୁ ସମସ୍ତେ । ହଉ ଯାହା ହେବାର ହୋଇ ଯାଇଛି— ନେଇଗୁଡ଼ କହାଣୀକୁ ବୋହି ଗଲାଣି । ଭାବନାର ଚିନ୍ତାଧାରରେ ସେ ଠେଲି ଠେଲି ଖଚଣ୍ଡେ ରିକ୍ସା ଉପରେ ସାଇକେଲ ବୋଝେଇ କରି ନିଜେ ବସି ଘରକୁ ଫେରି ଆସିଲା ।

ଚାକର କହିଲା— ବାବୁ ଖାଇ ଆସିଛନ୍ତି ତ ?

ହଁ— କହି ପ୍ରଶାନ୍ତ ସିଧା ଶୋଇବା ଘର ଆଡ଼େ ଚାଲି ଯାଉଥିଲା । ଏତିକିବେଳେ ଦେଖିଲା— ବାପା ବସିଛନ୍ତି ତାକୁ ଅପେକ୍ଷା କରି । ସେ ଭାବିଲା ବାପା ତାକୁ ଏପରି କେବେ ଅପେକ୍ଷା କରନ୍ତି ନାହିଁ । ଛାତି ଧଡ଼ପଡ଼ ହୋଇ ଉଠିଲା । ପ୍ରଶାନ୍ତ ଡରି ଡରି ନିଜ ରୁମ୍‌କୁ ଯାଇ ପୋଷାକ ବଦଳି ପକାଇ ପୁଣି ଫେରିଆସି ପଚାରିଲା— ବାପା ଆପଣ ଏତେ ବେଳଯାଏ ଶୋଇ ନାହାଁନ୍ତି ?

ନୀରବ ।

ପ୍ରଶାନ୍ତ ତଳକୁ ଉପରେ ବସି ବାପାଙ୍କ ଗମ୍ଭୀର ମୁହଁକୁ ଚାହିଁ ରହିଲା ।

ମୁହଁ ଖୋଲି ପ୍ରତାପ ବାବୁ ପଚାରିଲେ— ଏତେ ଡେରି ହେଲା କାହିଁକି ପ୍ରଶାନ୍ତ ?

ଜଣେ ବନ୍ଧୁ ଘରକୁ ଯାଇଥିଲି—

ମିଛ କଥା । ମୁଁ କେତେଦିନ ହେଲା ଦେଖୁଛି ତୁ ବରାବର ରାତି ଏଗାରଟାରେ ଫେରୁଛୁ ।

ପ୍ରଶାନ୍ତ କହିଲା— ଜଣେ ବନ୍ଧୁ ଘରକୁ ପଢ଼ିବାକୁ ଯାଉଛି ।

ମୋତେ ଠକିବାକୁ ଚେଷ୍ଟା କରୁଛୁ, ନୁହେଁ ? କିନ୍ତୁ ମୁଁ ସବୁ ଜାଣେ । କଠୋର ସ୍ୱରରେ କହିଲେ ପ୍ରତାପ ବାବୁ ।

ବାପାଙ୍କ ଆଡ଼କୁ ଅନାଇ ପ୍ରଶାନ୍ତ ଦେଖିଲା ତାଙ୍କ ହାତରେ ସୁପ୍ରିୟାର ଫଟୋ ଏବଂ ଚିଠି । ମନେ ମନେ ଭାବିଲା ସେ ଏହା ପାଇଲେ କିପରି ?

ପ୍ରତାପ ବାବୁ କହିଲେ— ଏବେ କ'ଣ କହୁଛୁ ସତ ନା ମିଛ ।

ହଁ ସବୁ ସତ— କହି ପ୍ରଶାନ୍ତ ତଳକୁ ମୁହଁ ପୋତିଲା ।

ପ୍ରତାପ ବାବୁ କହିଲେ— ପ୍ରଶାନ୍ତ ତୁ ମୋତେ ପାଗଳ କରିଦେଲୁ । ମୁଁ ଆଶା କରି ନଥିଲି ତୋ ଭଳି ଜଣେ ସୁଯୋଗ୍ୟ ଯୁବକ ଶେଷରେ ବାପାଙ୍କର ଇଚ୍ଛା ବିରୁଦ୍ଧରେ କାମ କରିବ । ତୁ ଏପରି କରିବା ମାନେ ତୋର ସାନ ଭାଇ ଭଉଣୀ କ'ଣ ଶିଖିବେ । ଆଉ ଶୁଣ୍, ତୋର ବିବାହ କଥା ହୋଇ ଯାଇଛି ତୋତେ ଦଶ ବରଷ ହେବା ଦିନୁ । ତୋର ମାଆ ଥିଲାବେଳେ ମୋର ଜଣେ ବନ୍ଧୁଙ୍କର ଝିଅ ସହିତ ତୋର ବିବାହ ଲାଗି ସତ୍ୟ କରି ଯାଇଛନ୍ତି । ସେ ଧନୀ ଲୋକ । ବହୁତ ଟଙ୍କା ଦେବେ । ଆଉ ବି ତୋତେ ପଢ଼ିବା ପାଇଁ ବିଦେଶ ପଠାଇ ପାରନ୍ତି ।

ମୁହଁ ଖୋଲି ପ୍ରଶାନ୍ତ କହିଲା— ତୁମେ ତେବେ ମୋତେ ବିକିବାକୁ ଚାହଁ ?

ବିକିବା କଅଣ ହେଲା ?— ତାଙ୍କର ଧନ ଅଛି ସେ ଦେବେ।

ତେବେ ଆପଣ ଭାବନ୍ତି ଟଙ୍କା ସହିତ ବନ୍ଧୁ କରିବା କଥା ? କିନ୍ତୁ ଏଇ ଯୌତୁକ ନେଇ କୌଣସି ଶିକ୍ଷିତ ଯୁବକ କେବେହେଲେ ମୁଣ୍ଡ ବିକି ଦେବ ନାହିଁ। ତୁମ ଘରେ ଅଛି ଯଥେଷ୍ଟ ଧନ— ଏସବୁକୁ ତୁମେ ଦଇଜଣଙ୍କୁ ମଧ୍ୟ ବିଦେଶ ପଠାଇ ଦେଇ ପାରିବ।

ମୋର ଥାଉ ବା ନଥାଉ ସେ କଥା ମୋତେ ଉଠୁନାହିଁ— ତୁ କଅଣ ଦେଖୁନାହୁଁ ଆମ ଘର ପୁଅମାନେ ବାହା ହୋଇ କେତେ କଅଣ ଆଣୁଛନ୍ତି। ଆମେ ସେମାନଙ୍କ ଅପେକ୍ଷା ଆହୁ ଅଧିକ ପାଇବାର କଥା। ପୁଣି ଆମର ଅଛି ବଂଶ ମର୍ଯ୍ୟାଦା। ଆମ ସମାସ୍କନ୍ଦ ଲୋକ ସହିତ ବନ୍ଧୁ କଲେ ସମ୍ମାନ ବଢିବ।

ସମ୍ମାନଟା ଏତେ ଚଞ୍ଚଳ ତୁଟି ଯିବାର ଜିନିଷ ନୁହେଁ। ଗରିବ ଘରେ ବନ୍ଧୁ କଲେ ସମ୍ମାନ କମି ନ ଯାଇ ଆହୁ ଦୁଇଗୁଣ ବଢ଼ି ଉଠିବ। ସମସ୍ତେ ତୁମର ଉଦାରତା ଗୁଣରେ ବିମୁଗ୍ଧ ହେବେ।

ସମସ୍ତେ ମୁହଁରେ କହିବେ ସିନା ଆମକୁ କିଏ କଅଣ ଅଜାଡ଼ି ପକାଇବେ? ଆମ ଚୌଧୁରୀ ବଂଶର ଠେକ ସାତ ପୁରୁଷରୁ ଅଛି।

ବଂଶ ମର୍ଯ୍ୟାଦା ଖୋଜିବାର ଦିନ ଚାଲି ଗଲାଣି ବାପା। ରାଜା, ମହାରାଜା, ଜମିଦାର ଆଜି ଗରିବ ପ୍ରଜାଙ୍କ ଭୋଟକୁ ଅନାଇ ରହିଛନ୍ତି। ଗୋଟିଏ ଗୋଟିଏ ଭୋଟର କ୍ଷମତା ଆଟମ ବମ୍‌କୁ ବଳି ଯାଇଛି। ସମସ୍ତେ ସମାନ ଗଣତନ୍ତ୍ର ଯୁଗରେ। ତୁମର ସମାଜ ଉପରେ ଯେତିକି ଅଧିକାର ଅଛି ଜଣେ ଭିକାରୀର ମଧ୍ୟ ସେତିକି ଅଧିକାର ଅଛି ସ୍ୱାଧୀନ ନାଗରିକ ହିସାବରେ। ଲୋକଙ୍କୁ ଆଖି ଦେଖାଇ କେହି କେବେ ସମ୍ମାନ ଦାବୀ କରେ ନାହିଁ, ବରଂ ତାଙ୍କ ସେବାରେ ନିଜକୁ

ସ୍ୱୀକୃତ କର ବାହାରୁ ର ଅଣିବାକୁ ଚେଷ୍ଟା କରିବା ଦରକାର । ମହାତ୍ମା ଗାନ୍ଧି ପ୍ରଭୃତି ଦେଶ ସେବକମାନେ ଲୋକଙ୍କ ସେବାରେ ଜୀବନ ଦେଇଛନ୍ତି । ରାଜା, ମହାରାଜା, ଧନୀ, ଦରିଦ୍ର, କୁଲି, ମୂଲିଆ ସମସ୍ତେ ଏକା ଡଙ୍ଗାରେ ।

ଆରେ ରାଜା, ମହାରାଜା ଯାଇଛନ୍ତି କୁଆଡ଼େ ? ଯୁଆଡ଼େ ହେଲେ ତ ଫୁଲାଏ ଫୁଲାଏ ପାଉଛନ୍ତି । ସେ ଯାହା ହେଉ ଆମର ବଂଶ ମର୍ଯ୍ୟାଦାକୁ ଅକ୍ଷୁଣ୍ଣ ରଖିବାକୁ ହେବ । ତୁ ଯଦି ଏପରି ହେବୁ ଲୋକେ କଅଣ କହିବେ ?

ଲୋକଙ୍କ କଥାକୁ ଉପେକ୍ଷା କଲେ ମଣିଷ ସମାଜରେ ତିଷ୍ଠି ପାରିବା ଅସମ୍ଭବ । ସବୁ ଲୋକେ ତ ସମାନ ନାହାଁନ୍ତି । ଯାହାର ସ୍ୱାର୍ଥ ଅଛି ସେ କେବେ ହେଲେ ଭଲ କହିବ ନାହିଁ । ଯାହାର ଧନ ନାହିଁ ସେ ଦେବ କୁଆଡୁ ? କହିଲା ପ୍ରଶାନ୍ତ ।

ଆମେ କାହିଁକି ବନ୍ଧ କରିବା ?

ତୁମେ ଜାଣ ନାହିଁ ବାପା, ଯୁଗ ବଦଳି ଯାଇଛି ? ଏଣିକି ନିଜେ ବାଛି ବିବାହ କରିବାର କଥା ।

ହଁ ତା ଠିକ୍ ହେଲେ ମଧ୍ୟ ଆଜିକାଲିର ଯୁବକ ଯୁବତୀମାନଙ୍କର ବାଛିବାର କ୍ଷମତା ନାହିଁ — ତେଣୁ ବାପ ମାଆଙ୍କୁ ଏଥିରେ ହସ୍ତକ୍ଷେପ କରିବାକୁ ହେଉଛି ।

ଯଦି ଜଣେ ବାଛି ପାରିଲା ? ପଚାରିଲା ପ୍ରଶାନ୍ତ ।

ଭୁଲ— ଭୁଲ— ନିସ୍ୱାର୍ଥ ବାଜେ କଥା । ସେ ସବୁ ବାଜେ ଯୁକ୍ତି ନ କର ତୁ ମୋ କଥା ମାନି କାମ କରିବୁ ବୋଲି ମୋର ଆଶା ।

ହଉ ତୁମ କଥା ମାନିବି— ଏହି ଶେଷ କଥା କହିବାକୁ ଯେପରି ପ୍ରଶାନ୍ତର ତଣ୍ଟି କେହି ଚାପି ଧରିଲା । କୌଣସି ପ୍ରକାରେ

ସେଠାରୁ ଉଠି ଆସି ନିଜ ରୁମ୍‌କୁ ଯାଇ ସେ ଖଟିଆ ଉପରେ ବସି ଭାବିବାକୁ ଲାଗିଲା । ରାତି ସେତେବେଳେ ବା'ର । ଅନେକ ଥର ସେ ଉଠି ପଡ଼ି ଘର ଭିତରେ ବୁଲି ଆସୁଥିଲା । ଏ କଥା ବାପାଙ୍କ ଆଗରେ କହିଲା କିଏ ? ଏହା ନିଷ୍ଟୁର ଯତୀନ୍ଦ୍ରର କାମ । ଗୋଟାଏ ଆଡ଼େ ସୁପ୍ରିୟାର ଛଳ ଛଳ ଆଖି, ଅନ୍ୟ ଆଡ଼େ ବାପାଙ୍କର ରକ୍ତ ଚକ୍ଷୁ ତାକୁ ଦିଶି ଯାଉଥିଲା । ଭାବନାରେ ସେ ଶୋଇ ପଡ଼ିଲା । ସିଗାରେଟ୍ ଜଳିଲା ପରି ହୃଦ ଭିତରଟା ତାର ଜଳି ଉଠୁଥିଲା ।

×　　　　　　　　　　×

ସକାଳ ହୋଇ ଯାଇଛି । ରବି କିରଣ ଫୁଟି ପଡ଼ୁଛି ରାସ୍ତା ଉପରେ । ସ୍ୱାମୀ, ସ୍ତ୍ରୀ ସାଥି ହୋଇ ଖାଉଛନ୍ତି ପାଖ ଘରୁ ଦେଖି ସୁପ୍ରିୟାର ହୃଦ ଭିତରେ ଯେପରି କିଏ ଖଣ୍ଡେ ନିଆଁ ରଡ଼ ଚପାଇ ଦେଲା । ଅଜାଣତରେ ତା ଆଖିରୁ ଲୁହ ବାହାରି ଆସିଲା । ଏତିକି ବେଳେ ପଛ ଆଡ଼ୁ ତା ଆଖି ବୁଜି ଧରିଲା ପ୍ରଶାନ୍ତ ।

ହଉ ଛାଡ଼ ପ୍ରଶାନ୍ତ ବାବୁ— ମୁଁ ଜାଣିଲି ଯେ ।

ହାତ ଖସାଇ ଦେଇ ପ୍ରଶାନ୍ତ କହିଲା—ତୁମେ କାନ୍ଦୁଛ ପ୍ରିୟା ?

ନା- ତ

ଲୁହ ପୋଛି ଦେଇ ପ୍ରଶାନ୍ତ ତାକୁ ନିଜ କୋଳକୁ ନେଇଗଲା । ପ୍ରଶାନ୍ତ ବାପାଙ୍କ ଉପଦେଶ, ରକ୍ତ ଚକ୍ଷୁ ସବୁ ଭୁଲିଗଲା ଏଇଠି । ପ୍ରତିଜ୍ଞା କଲା, ଯେ ଯାହା କହୁ ପଛେ ସେ ନିଷ୍ଟୁର ସୁପ୍ରିୟାକୁ ବିବାହ କରିବ । ତା ପରେ ସୁପ୍ରିୟାକୁ କହିଲା ବିପଦ ବେଳେ ଏପରି ଅଧୀର ହେଲେ ଚଳିବ କିପରି ପ୍ରିୟା ? ଆଉ ବେଶୀ ଦିନ ନୁହେଁ— ମୁଁ ଯାଉଛି କିଛିଦିନ ପାଇଁ ପୁରୀ । ଫେରି ଆସି ତୁମକୁ ନେଇ ଯିବି । ବାପା ଆମର ଏ ବିବାହକୁ ନିଷେଧ କରୁଛନ୍ତି ।

ସୁଦେବ— ତୁମେ ଜାଣିଛ ଆଜିକି ? ବାପାଙ୍କ କଥା ଅନୁସାରେ ତୁମେ ତାଙ୍କ ଘର ପୁଅଟିର ଘର । ସେଠି କରିବ ସୁପ୍ରିୟା ବୋଲି କେବଳ ନ ଥିଲେ ଓ ସେ ଅଛି ଏବେ ମନ ଭାବନ୍ତି । ଏଣୁ ଅନୁରୋଧ କରୁଛି ମୋର ସ୍ମୃତି ଭୁଲିଯାଇ ତୁମେ ବାପାଙ୍କ କଥା ମାନି ବିବାହ କର ।

ସ୍ମୃତି କେବେ ମରି ଯାଏନା ପ୍ରିୟା— ତା ହେଲେ ଭାରତ ସମ୍ରାଟ ସାଜାହାନ ତାଜମହଲ ତୋଳାଇ ନ ଥାନ୍ତେ । ଏଠି ଯାହାହିଁ କରନ୍ତୁ, ବାପା ମୋତେ ଘରୁ ବାହାର କରି ଦିଅନ୍ତୁ— ତ୍ୟାଜ୍ୟ ପୁତ୍ର କରି ଦିଅନ୍ତୁ, ତେବେ ବି ମୁଁ ମୋର ପ୍ରତିଜ୍ଞା ପୂରଣ କରିବି ।

ନା— ତୁମେ ଯାଅନା— ମୋ ଭଳି ଜଣେ ଭାଗ୍ୟହୀନା ଲାଗି ତୁମେ ବାପାଙ୍କ ସହିତ ବିରୋଧୀ ହେବା ନିତାନ୍ତ ଅନ୍ୟାୟ । ମୁଁ ପଡ଼ି ରହିବି ତୁମ ସ୍ମୃତିକୁ ନେଇ ।

ନା— ପ୍ରିୟା— ତୁମେ ଏତେ ଆଶାହୀନା ହୁଅ ନାହିଁ । ମୁଁ ଘରକୁ ସ୍ଥିର କରିସାରି ଖୁବ୍ କମ ଦିନ ପରେ ଫେରିବି ।

କାନ୍ଦୁଥିଲା ସୁପ୍ରିୟା— ପ୍ରଶାନ୍ତ ତାର ଆଖିର ଲୁହ ପୋଛି ଦେଇ ଓଠରେ ଓଠ ମିଶାଇ ଦେଲା ।

ହଉ ଆପଣ ଯାଆନ୍ତୁ— ମୁଁ ଆପଣଙ୍କୁ ଜୀବନଯାକ ସାରା ଅପେକ୍ଷା କରିବି ।

ମୁଁ ଅନ୍ୟ ଲୋକ ନୁହେଁ ଯେ ଠକି ଦେଇ ଚାଲିଯିବି । ହୃଦୟ ମୋର ପବିତ୍ର— ନିର୍ମଳ, କୌଣସି ପ୍ରକାର ଦୁର୍ଭାବନା ମୋ ମନକୁ ଛୁଇଁ ନାହିଁ । ତାହାକୁ ମୁଁ ଡରେ ନାହିଁ । ଦୁନିଆ ସହିତ ଲଢ଼ିବାକୁ ମୁଁ ପଛେଇବି ନାହିଁ । ବାହୁରେ ବଳ ଅଛି, ମନରେ ସାହସ ଅଛି । ଦିନେ ଦେଖିବ ପ୍ରିୟା, ସମାଜର ଗତି ବଦଳି ଯିବ ।

ସେ ବିଶ୍ୱାସ ମୋର ଭୂମ-ଉପରେ ଅଛି— କହିଲା ସୁପ୍ରିୟା ।

ପ୍ରଶାନ୍ତ ସୁପ୍ରିୟାର ମୁହଁଟିକୁ ଧରି ହଲାଇ ଦେଲା ।

× ×

ପ୍ରଶାନ୍ତ ଘରକୁ ଆସି ତାର ନିଜର ସମୁଦାୟ ଟଙ୍କା ବ୍ୟାଙ୍କରୁ ଉଠାଇ ଆଣିଲା । ନିଜର ଜିନିଷ ପତ୍ର ବାନ୍ଧି ଦେଇ ରଖିଲା । ଯେତେବେଳେ ସମସ୍ତେ ନିଦ୍ରା ଦେବୀଙ୍କ କୋଳରେ ଲୋଟି ପଡ଼ିଲେ ଆଉ ପୃଥିବୀର ବାତାବରଣ ଶାନ୍ତ ହୋଇ ପଡ଼ିଲା ପ୍ରଶାନ୍ତ ନିଜର ସୁଟକେଶ୍ ଖଣ୍ଡିକ ଧରି ଧୀରେ ଘରୁ ବାହାରି ରାସ୍ତାକୁ ଆସିଲା । ଥରକ ପାଇଁ ତାର ପାଦ ଅଟକି ଗଲା । ସୁପ୍ରିୟା ମୁହଁର ଛାଇ ନାଚି ଉଠିଲା ଆଖି ଆଗରେ କିନ୍ତୁ ପ୍ରଶାନ୍ତ ଛାତିକୁ ପଥର କରି ଆଗେଇ ଗଲା ନିଜ ବାଟରେ । ଆସିଲାବେଳେ ସେ ଗୋଟିଏ ଚିଠି ଲେଖି ଆସିଥିଲା ପ୍ରତାପ ବାବୁଙ୍କୁ ଯେପରି ତାକୁ ଆଉ ଖୋଜି ବୃଥାରେ ଧନ ଅପବ୍ୟୟ ନ କରିବାକୁ । ପୁଣି ଚିଠିରେ ଥିଲା-ବାପା ! ଆପଣ ବଡ଼ ଦୁଃଖ କରିବେ, କିନ୍ତୁ ମୁଁ ନାଚାର । ଆପଣଙ୍କ ଅଭିଜାତ୍ୟ ଆଉ ସମ୍ମାନ ଉପରେ କଳଙ୍କ ରଖିବାକୁ ମୁଁ ଚାହେଁ ନାହିଁ । ଆପଣଙ୍କ ରାସ୍ତାରେ କଣ୍ଟା ହୋଇ ଛିଡ଼ା ହେବାକୁ ଇଚ୍ଛା ନ କରି ମୁଁ ମୋର କର୍ମ ପଥରେ ଆଗେଇ ଯାଉଛି । ସେତେବେଳକୁ ପୁରୀ ଟ୍ରେନ୍ ଛାଡ଼ିବାକୁ ଆଉମାନ ପନ୍ଦର ମିନିଟ ବାକୀ । ପ୍ରଶାନ୍ତ ତରବରରେ ରିକ୍‌ସାଟିଏ ଡ଼ାକି ଉଠି ପଡ଼ିଲା । ଷ୍ଟେସନରେ ପହଞ୍ଚି ସେକେଣ୍ଡକ୍ଲାସ ଟିକେଟ୍ ଖଣ୍ଡେ କରି ଗାଡ଼ି ଧରିଲା । ଟ୍ରେନ କଟକ ଷ୍ଟେସନ ଛାଡ଼ିଲା । ଭାବୁଥିଲା ସୁପ୍ରିୟା କଥା, ଗରିବ ଝିଅକୁ ଭଲ ପାଇବା କଅଣ ପାପ ? ସେ ନିଜେ ଗୋଟାଏ କାଠ କଣ୍ଢେଇ ନୁହେଁ ଯେ ବାପା ଯାହା କହିବେ ସେଥିରେ ରାଜି ହୋଇଯିବ । ବିଂଶ ଶତାବ୍ଦୀର ଯୁବକ ସେ, ତାର ଅଛି ରୁଚି । ସମସ୍ତେ ଶୋଇ ଯାଇଥିଲେ, ପ୍ରଶାନ୍ତ ସିଗାରେଟ ଲଗାଇ କୁଣ୍ଡଳୀକୃତ ଧୂଆଁ ରାଶିକୁ ଦେଖି ପରିତୃପ୍ତ ଲାଭ କରୁଥିଲା । ପୁରୀରେ ସକାଳ ହେଲା । ପ୍ରଶାନ୍ତ

ହଁ, କେଷ୍ଟା କରିବ ।

ଧୀରେ ଧୀରେ ଅନ୍ଧାର ଅସର୍ନ ଜମାଇ ଦେଉଥିଲା । ସୁଚରିତା ପ୍ରଶାନ୍ତକୁ ନମସ୍କାର କରି ମିଶିଗଲା ଅନ୍ଧାରରେ କଳା ମେଘରେ ବିଜୁଳି ଭଳି ।

× ×

ତା' ପର ଦିନ ସଞ୍ଜ ବେଳ । ପ୍ରଶାନ୍ତ ଖୁସି ମନରେ ସୁଚରିତା ଘରେ ପହଞ୍ଚିଲା । ନିମନ୍ତ୍ରିତ ଭଦ୍ରଲୋକମାନଙ୍କ ଆଗରେ ସୁଚରିତା ପ୍ରଶାନ୍ତର ପରିଚୟ କରାଇ ଦେଲା "ଏ ଭଲ ବେହେଲା ବଜାଇ ପାରନ୍ତି ବୋଲି ବାପାଙ୍କୁ କହିଲା । ଭରତ ବାବୁଙ୍କ ଅନୁରୋଧରେ ପ୍ରଶାନ୍ତକୁ ସେଠାରେ ବେହେଲା ଧରିବାକୁ ହେଲା । ସୁଚରିତା ବସିଥିଲା ପ୍ରଶାନ୍ତର ଆଗକୁ । ବେହେଲାର ତାନ ଯେପରି ସୁଚରିତାକୁ କହୁଥିଲା ଗୀତ ଗାଇବାକୁ । ସୁଚରିତା ଗାଇଲା—

ରେ ସଙ୍ଗାତ, ତୋ ବୋଲେ ବସନ୍ତ ମାନେ
ଶିଖଣ୍ଡ ଶେଖର ହେଣ୍ଟୁ ଆଶା ମୋର ତୁଟାଇ ପାରନ୍ତୁ ଧ୍ୟାନେ ।
ଖିଲ ଜନ ବାଣୀ ସତ୍ୟପରି ମଣି ନ ଗୁହିଁଲେ ହେଲେ ମୋତେ
ଯେନ ଗୁରୁତର ମୁଖ-କଳାକର ମୁଁ ନ ଗୁହିଁବି କେମନ୍ତେ ।
ଜାଣିଅଛି ଧ୍ରୁବ ମୋଠାରେ ପୁରୁବ ପରି ନାହିଁ ସ୍ୱରି ସ୍ନେହ
ହେଲେ ହେଲେ ଯେବେ ମୁରଲୀ ବି ବାବେ ପୁଲକନ୍ତା ନାହିଁ ଦେହ
ଚନ୍ଦ୍ରକ ଲଲମେ ଦେଖାଇ ମୁଁ ପଛେ ଅନ୍ୟ ପଦ ଲକ୍ଷ୍ୟ ସ୍ୱଗ
ଇନ୍ଦ୍ର-ନୀଳମଣି ମୟୂ ନ ଦିଶନ୍ତା ଯେବେ ମୋତେ ପ୍ରତିଦିନ ।
ଆହାର ବିହାର ନିଦ୍ରା ବେଶ ବିଷ ହେଉ ତାକୁ ମୁଁ ନ ଗଣେ
ତା ଦରଶନେ ଅନାଦର ଶବ୍ଦରେ ଅରୁଚି ନୁହନ୍ତା ପ୍ରାଣେ ।
କାମୋଦୟ ଘନେ ଅମୋଘ ବର୍ଦ୍ଧନେ ତା ମୋହନ ମୃଦୁହାସ
ବଶ ନ କରାଇ ଯେବେ ଦେଉସଇ ହୃଦୟା ଧୈର୍ଯ୍ୟ ଲେଶ ।

କେ କହୁଛି ଭୋଗରେ ହୋଇଛୁ ବିଭୁଷ୍ଟ ନାନସ୍ଥ ଦୁଃଖେ ମନା
କେ କହେ [illegible] ସ୍ତୁପାଣି ପ୍ରାଣ ଏଣୁ ନିସ୍ପୃହ ଲାଗିଲେ ସିନା ।
ଅଷ୍ଟ ଦୁର୍ଗ ଧରାନାଥ କହନ୍ତି ସେ ଚତୁରମାନଙ୍କ ରଙ୍ଗ
ସରଣୀ ଭାର କଲଲେ ସିନା ହେବ ଧରଣୀ ନ୍ୟସ୍ତ କରଜା ।

ଗୀତ ସରିଗଲା । ସମସ୍ତଙ୍କ ମନରେ ଉତ୍ସାହ । ଭରତ ବାବୁ ପ୍ରଶାନ୍ତ ପିଠିରେ ହାତ ମାରିଲେ ସ୍ନେହରେ । ଭଦ୍ର ବ୍ୟକ୍ତିଙ୍କ ସହିତ ପ୍ରଶାନ୍ତ ଫେରି ଆସିଲା । ସେଇ ଦିନଠାରୁ ପ୍ରଶାନ୍ତ ସହିତ ଅବାଧ ମିଳାମିଶା ସୁଚିତ୍ରାର । ପ୍ରଶାନ୍ତ ବେହେଲା ବଜାଏ ଆଉ ସୁଚିତ୍ରା ଗୀତ ଗାଏ । ଦୁହେଁ ଶୁଣନ୍ତି ଦୁହିଁଙ୍କର ତାନ । ଏଇ ଭିତରେ ଦୁଇ ଜଣଙ୍କ ମନ ଖୁବ୍ ନିବିଡ଼ ଭାବେ ବାନ୍ଧି ହୋଇ ଆସିଛି । ପ୍ରଶାନ୍ତ ବହୁ ସମୟ କଟାଏ ସୁଚିତ୍ରା ସହିତ ଆଉ ସେଥିରେ ମଧ୍ୟ ଆନନ୍ଦ ପାଏ । ସେ ସୁଚିତ୍ରାକୁ ପାଇ ସବୁ ଭୁଲିଯାଇଛି । ଉଦାସୀଆ ଜୀବନ ସରସମୟ— କେବେ କେବେ ସେ ଭାବେ ସୁଚିତ୍ରା କଅଣ ତାର ହୋଇ ପାରିବ ?

ଦିନେ ପ୍ରଶାନ୍ତ ଅଫିସରୁ ଆସି ବସି ଯାଇଥିଲା । ସୁଚିତ୍ରା ଆସି କହିଲା— କଅଣ ଭାବୁଛନ୍ତି ?

କିଛି ନୁହେଁ ।

ଆସ ଯିବା—

କେଉଁଠିକି ?

ହୋଟେଲକୁ—

କେଉଁ ହୋଟେଲ ?

ପାର୍କ ଭାଇଙ୍ଗ୍— କହି ସୁଚିତ୍ରା ପ୍ରଶାନ୍ତର ହାତଧରି ଟାଣି ଭିଡ଼ିନେଲା, ପ୍ରଶାନ୍ତ ପୋଷାକ ବଦଳାଇ ଚାଲିଲା ସୁଚିତ୍ରା ସାଥିରେ । ସାମାନ୍ୟ ଜଳଖିଆ ଖାଇ ସେମାନେ ହୋଟେଲ ପଛରେ ଥିବା ଫୁଲ ବଗିଚାକୁ ଗଲେ । ନୀଳ ଆକାଶ ଉପରେ ଚାନ୍ଦ ହସୁଥିଲା ।

ପ୍ରଶାନ୍ତ ଡାକିଲା— ସୁଚେତା !

କଅଣ ?

ଆଜ ମୁଁ ଜାଣି ପାରୁଛି ଯେ, ମୋ ମନ ମନ୍ଦିରରେ ତୁମେ ଆସନ ପାତି ଦେଲଣି ।

କିପରି ?

ତୁମର ସୌନ୍ଦର୍ଯ୍ୟ ମୋ ମନ ଗହନର ଅନ୍ଧାରକୁ ହଟାଇ ଦେଇଛି ।

ସୁଚେତା ଲାଜେଇ ହେଲା ।

ନା— ଚେତା— ମୁଁ ସତ କହୁଛି— ତୁମକୁ ପାଇଁ ମୁଁ ସାରା ଦୁନିଆକୁ ଭୁଲି ଯାଇଛି— ତୁମେ ମୋର ଭଙ୍ଗା ଜୀବନକୁ ପୁଣି ଗଢ଼ି ନେଇଛ ।

ମୃଦୁ ହସୁଥିଲା ସୁଚେତା—

ଦୁହେଁ ଆସିଲା ବେଳକୁ ହୋଟେଲ ଘଣ୍ଟରେ ଢଂ ଢଂ ହୋଇ ନଅ ବାଜିଲା ।

× ×

ସେଦିନ ପ୍ରଶାନ୍ତ ଅଫିସରୁ ଆସି ରୁମ୍ ଭିତରେ ଗୋଡ଼ ଦେଲାକ୍ଷଣି ଦେଖିଲା ଟେବୁଲ ଉପରେ ଗୋଟିଏ ଲଫାଫା । ତାକୁ ଉଠାଇ ଆଣି ଭାବିଲା ଏ ଚିଠି ନିଶ୍ଚୟ ସୁପ୍ରିୟାର । ପ୍ରକୃତରେ ଚିଠିଟି ଦେଇଥିଲା ସୁପ୍ରିୟା— ସେଥିରେ ଲେଖିଥିଲା— ପ୍ରଶାନ୍ତ ବାବୁ ! ତୁମ ଚିଠି ମୁଁ ପାଇ କି ଆନନ୍ଦ ଅନୁଭବ କଲି ତା କେବଳ ମୁଁ ଜାଣେ । ବର୍ତ୍ତମାନ ମୁଁ ରୋଗ ଶଯ୍ୟାରେ— ଶୀଘ୍ର ଆସିଲେ ଦେଖା କରି ଶାନ୍ତିରେ ମରି ପାରିବି । ତୁମେ ଚାଲି ଯିବା ପରେ ଆମ ଉପରେ ଚାଲିଲା ଆପଣଙ୍କ ବାପାଙ୍କ ଆଉ ଅକଥନୀୟ ଅତ୍ୟାଚାର । ମା ଚିନ୍ତାରେ ମରି-ଗଲେ । ଆଉ ଏ ଜୀବନ ପ୍ରତି ମୋର ମମତା ନାହିଁ— ଖାଲି ତୁମକୁ

ଦେଖିବା ଲାଗି ପଡ଼ି ରହିଛୁ । ହଁ, କହିବାକୁ ଭୁଲି ଯାଉଛି— ମୁଁ ମରିଗଲା ପରେ ଛୋଟ ଝିଅଟିକୁ ଦେଖିବାକୁ କେହି ନାହିଁ— ସେ ଯେପରି ମଣିଷ ହୁଏ । ଗହବ ମୁଁ । ତେଣୁ ତୁମର ହେବା ଏ ଜୀବନରେ ସମ୍ଭବ ନୁହେଁ— ତେଣୁ ଅଧିକ ଲେଖିଲେ ତୁମ ମନ ଭିତରେ ଧକ୍କା ଲାଗିବ—

ତୁମର ସୁପ୍ରିୟା

ହତଭାଗିନୀ—

ପ୍ରଶାନ୍ତ ହାତରୁ ଚିଠିଟି ଖସି ପଡ଼ିଲା— ଟେବୁଲ ଦେହରେ ଧକ୍କା ଖାଇ କାଚ ଗ୍ଲାସଟି ସିମେଣ୍ଟ ଚଟାଣ ଉପରେ ପଡ଼ି ଚୂନା ହୋଇଗଲା । ପ୍ରଶାନ୍ତ ମନରେ ପୂର୍ବର ସ୍ମୃତି ଜାଗି ଉଠିଲା । ମୁହଁ ଉପରୁ କଳା ପରଦା ହଟିଗଲା— ବିରକ୍ତ ହୋଇ ଭାବିଲା ବାପାଙ୍କର ଏପରି ଅନ୍ୟାୟ କାହିଁକି ? ସେମାନେ ତ ତାଙ୍କର କିଛି କ୍ଷତି କରି ନାହାନ୍ତି । ନା, ତାକୁ ଏଥିର ପ୍ରତିକାର କରିବାକୁ ପଡ଼ିବ । ଧନଗର୍ବୀ ବାପାଙ୍କୁ ଶିକ୍ଷା ଦେବାକୁ ହେବ । ବାରମ୍ବାର ସୁପ୍ରିୟାର ଲୁହ ଭରା ଆଖି ମନେ ପଡ଼ି ପ୍ରଶାନ୍ତର କଲିଜା ଭିତର ଥରି ଉଠୁଥିଲା ।

× ×

ପାହିଲା ସକାଳ । ରଜନୀ ରାଣୀ ବିରକ୍ତରେ ମୁହଁ ଫେରାଇ ନେଉଥିଲେ ଧୂସରିତା ଉଷା ରାଣୀର ଆଗମନରେ । ଚା କପ୍ ଧରି ପ୍ରଶାନ୍ତ ଦୈନିକ ଖବର କାଗଜ ଉପରେ ଆଖି ବୁଲାଉ ଥିଲା । ହଠାତ୍ ତା ଆଖିରେ ଆସିଲା— ସୁପ୍ରିୟା ନାମରେ ଜଣେ ସ୍ତ୍ରୀ ଲୋକ ଟାଇଫଏଡ୍‌ରେ ମରିଛି । ପ୍ରଶାନ୍ତ ହାତରୁ ଚା କପ୍ ଖସି ପଡ଼ିଲା । ଗରମ ଚା କାଗଜ ଉପରେ ପଡ଼ିଗଲା । ମନେ ମନେ ସେ କହିଲା— କିଏ ଏ ହତଭାଗିନୀ ? ଆଖିରୁ ଧାର ଧାର ଲୁହ ଖସି ପଡ଼ିଲା । ଦୁଇଦିନ ପର୍ଯ୍ୟନ୍ତ ପ୍ରଶାନ୍ତ ଅଫିସ ଯିବା ବନ୍ଦ କରିଦେଲା— ସୂଚନା ଆସି ପହଞ୍ଚିଲେ—

ପ୍ରଶାନ୍ତ କହେ— ନାଇଁ ଇଚ୍ଛା ନୁହେଁ, ମନଟା ଭଲ ନାହିଁ ।
ଏଇ ଭିତରେ ସେ ତୁଳନା କରେ ସୁପ୍ରିୟା ସହିତ ସୁଚନ୍ଦ୍ରାକୁ, ଆକାଶ ପାତାଳ ତଫାତ୍ । ସୁପ୍ରିୟା ଗରିବ— ନିଜ ଉପରେ ନିଜର ଅଧିକାର ନାହିଁ—କିନ୍ତୁ ସୁଚନ୍ଦ୍ରା ମୁକ୍ତ ଆକାଶର ବିହଙ୍ଗିନୀ— ଲକ୍ଷ ଲକ୍ଷ ଟଙ୍କାର ଅଧିକାରିଣୀ । ଜଣେ ଗୃହେଁ ପବିତ୍ର ପ୍ରେମ ଆଉ ଜଣେ ଠିକ୍ ଓଲଟା ।

ଗୃର ଦିନ ପରେ । ପ୍ରଶାନ୍ତ ନିଜ ମନକୁ ଭୁଲାଇ ଦେଲା । ସୁଚନ୍ଦ୍ରା ଘରକୁ ଯାଇ ସେ ବେହେଲା ବଜାଇଲା ଓ ଗାଇଲା ସୁଚନ୍ଦ୍ରା । ପୂର୍ଣ୍ଣିମା ରାତି । ନୀଳ ବାଦଲର ଦେହ ଚିରି ଚନ୍ଦ୍ର ତା'ର ରୁପେଲି ଜ୍ୟୋତ୍ସ୍ନା ବୁଣିବାକୁ ଗୃହୁଁଥିଲା । ନାରୀ କଣ୍ଠର ସୁମଧୁର ରାଗିଣୀ ଭାସି ଯାଉଥିଲା ଅନନ୍ତ ଆକାଶକୁ । ବେହେଲା ଛାଡ଼ି ପ୍ରଶାନ୍ତ ସୁଚନ୍ଦ୍ରାର ହାତରେ ହାତ ରଖିଲା । ଚନ୍ଦ୍ରା ଢଳି ପଡ଼ି କହିଲା—ଛାଡ଼ କିଏ ଦେଖି ନେବ ।

ହଉ ଦେଖିଲେ ଆମର କଅଣ କରିବେ ?

ହଁଡ଼ ପରି ପଶି ଆସିଲା ଯତୀନ୍ଦ୍ର— ତାକୁ ଦେଖି ଦୁଇଜଣ ଉଠି ଠିଆ ହୋଇ ପଡ଼ିଲେ । ସୁଚନ୍ଦ୍ରା ଖୁସି ହୋଇ ଯତୀନ୍ଦ୍ରକୁ ନମସ୍କାର କଲା । ଯତୀନ୍ଦ୍ର ପଚାରିଲା— ପ୍ରଶାନ୍ତ ତୁ ଏଠି କେତେ ଦିନ ହେଲା ?

ପାଞ୍ଚ ମାସ ।

ଅଚ୍ଛା !

ପ୍ରଶାନ୍ତ ଦେଖିଲା--ଯତୀନ୍ଦ୍ର ଆଖିରେ ଈର୍ଷାର ଝଲକ । କିନ୍ତୁ ସେ କିଛି କହିଲା ନାହିଁ । ବିଦାୟ ନେଇ ହୋଟେଲକୁ ବାହାରି ଗଲା ।

ଖୁବ୍ ସକାଳୁ ପ୍ରଶାନ୍ତ ଆସି ସୁଚନ୍ଦ୍ରାକୁ ପଚାରିଲା- ଯତୀନ୍ଦ୍ର କାହିଁ ?

ସେ ଶୋଇଛନ୍ତି ।

ଏତେ ବେଳଯାଏ କାହିଁକି ?

ଢ଼େର ହୋଇଗଲା ଶୋଇବାକୁ । ତୁମର କଲେଜ ଜୀବନର କଥା କହୁଥିଲେ ସେ । ସୁପ୍ରିୟା କଥା ମଧ୍ୟ । ଅଚ୍ଛା ପ୍ରଶାନ୍ତ ବାବୁ ! ସୁପ୍ରିୟା କିଏ ?

ଏ ନାମ ତୁମକୁ କିଏ କହିଲା ?
ଯତୀନ୍ଦ୍ର— କହିଲା ସୁଚନ୍ଦା ।
ତେବେ ସେ ଭଲ ଭାବେ ବର୍ଣ୍ଣନା କରି ପାରିଥିବ ? ସେଥିପାଇଁ
ମୁଁ ତୁମ ପାଖକୁ ଆସିଛି ପଚାରିବାକୁ ।
ତୁମର ଜାଣିବାର ଦରକାର ନାହିଁ । କହିଲା ପ୍ରଶାନ୍ତ ।
କାହିଁକି ?
ମୋର ସୁପ୍ତ ବେଦନା ଜାଗି ଉଠିବ । ତୁମକୁ ଯେ ନାଆଁ କହି
ଦେଇଛି ତା ଠାରୁ ପରିଚୟ ସଂଗ୍ରହ କରି ପାରିବ ।
ମୋତେ ସବୁ ଜଣା ଅଛି— ଭୁଙ୍କ ଗଳାରେ କହିଲା ସୁଚନ୍ଦା ।
ତେବେ ଆଉ ଜାଣିବାକୁ କଅଣ ଅଛି ?
ମୋତେ ସନ୍ଦେହରେ ରଖିଲେ ପ୍ରଶାନ୍ତ ବାବୁ ! କହି ଚାଲିଗଲା
ସୁଚନ୍ଦା ।
ସୁଚନ୍ଦା ଚାଲିଗଲା ପରେ ପ୍ରଶାନ୍ତ ମନରେ ଉଠୁଥିଲା ଅବାନ
ଦ୍ୱନ୍ଦ୍ୱ । ସୁପ୍ରିୟା ନାଆଁ ଶୁଣି ତା ଛାତି ଭିତରେ ବହି ଯାଉଥିଲା
ତୋଫାନ— ତରଙ୍ଗ ।
ଯତୀନ୍ଦ୍ର ଆସି ପଚାରିଲା— କଅଣ କରୁଛୁ ପ୍ରଶାନ୍ତ ?
ପ୍ରଶାନ୍ତ ମୁହଁ ଉଠାଇ ଚାହିଁଲା ଯତୀନ୍ଦ୍ରକୁ । ଆଉ ଯତୀନ୍ଦ୍ର ମନେ
ମନେ ଭାବୁଥିଲା ପରିକଳ୍ପନାଟି ଠିକ୍ ରାସ୍ତା ଧରିଛି ।
ଏଇତ ବସିଛି— କହିଲା ପ୍ରଶାନ୍ତ ।
ମୋର ଧାରଣା ନ ଥିଲା ତୁ ଏଠାକୁ ଆସିବୁ ବୋଲି ।
ଏବେ ତ ଆସିଛୁ, ଗମ୍ଭୀର ହୋଇ କହିଲା ପ୍ରଶାନ୍ତ ।
ପ୍ରଶାନ୍ତର ସିଗାରେଟ ଜଳି ଯାଇଥିଲା । ସେ ପୁଣି ପକେଟରେ
ହାତ ମାରିଲା ।
ଯତୀନ୍ଦ୍ର ସିଗାରେଟ ପ୍ୟାକେଟ୍ ଦେଖାଇ କହିଲା— ନେ ।
ଦରକାର ନାହିଁ— ମୋ ପାଖରେ ଅଛି ।

ଯତୀନ୍ଦ୍ର କହିଲା— ତୋର ଏଠାରୁ ଅସିବା ସ୍ୱାର୍ଥ ହିଁ ଦେଖାଉଛୁ । ସୁଚିତ୍ରା ମୋତେ ଭଲ ପାଏ । ଅଜ ତୁ ଜାଣିଶୁଣି ଆମ ଭିତରେ ଗୋଟାଏ ବନ୍ଧ ପରି ଠିଆ ହେଲୁ ।

କିଏ କହିଲା ? ମୁଁ ତାକୁ ଭଲପାଏ ? ସ୍ୱଗିଜଠି କହିଲା ପ୍ରଶାନ୍ତ । ବନ୍ଧୁ ହିସାବରେ ତୋର ମୋ ଉପରେ ବିଶ୍ୱାସ ରଖିବା ଉଚିତ ।

ବିଶ୍ୱାସ ! ଫଳ ମିଳିଯାଇଛି— କହିଲା ଯତୀନ୍ଦ୍ର । ପକେଟରୁ ଗୋଛାଏ ନୋଟ ବାହାର କରି ପ୍ରଶାନ୍ତ ଅଗରେ ଧରି କହିଲା- ଏଇ ଟଙ୍କା ନେଇ ଏଠାରୁ ଚାଲିଯା ।

ପ୍ରଶାନ୍ତ ଟଙ୍କାଗୁଡ଼ିକ ଉଠାଇ ଫିଙ୍ଗିଦେଲା ଘୃଣାରେ । ଅଚ୍ଛା, ମୁଁ ଚାଲି ଯାଉଛି— କିନ୍ତୁ ଭଲ କରି ମନେ ରଖ, ଟଙ୍କା ଦେଇ କୌଣସି ଲୋକର ହୃଦୟ କିଣା ଯାଏ ନାହିଁ ।

ଯତୀନ୍ଦ୍ର ଚାଲିଗଲା ସୁଚିତ୍ରା ଘରକୁ ।

ପ୍ରଶାନ୍ତ ସେଇଦିନ ଇସ୍ତଫା ପତ୍ରଟି ଗୋଟିଏ ଲଫାଫାରେ ଓ ଅନ୍ୟ ଗୋଟିଏ ଲଫାଫାରେ ସୁଚିତ୍ରାର ଫଟୋଟି ପଠାଇ ଚିଠି ଖଣ୍ଡିଏ ପଠାଇ ଦେଲା ସୁଚିତ୍ରା ପାଖକୁ । ସେଥିରେ ଲେଖାଥିଲା— ମୁଁ ଭାବି ନ ଥିଲି ଚିତ୍ରା ତୁମେ ମୋ ଜୀବନରେ ଗୋଟାଏ ଝଡ଼ ପରି ଦେଖା ଦେବ । ସୁପ୍ରିୟା ବିଷୟରେ ଯତୀନ୍ଦ୍ର ତୁମକୁ ଯେପରି ଧାରଣା ଦେଇଛି ତାହା ସମ୍ପୂର୍ଣ୍ଣ ଭୁଲ ଟା । ଭାଗ୍ୟକୁ ସୁପ୍ରିୟା ମରି ଯାଇଛି, ନ ହେଲେ ଆଜି ତାକୁ ଆଣି ତୁମ ଆଗରେ ଠିଆକରି ଦେଖାଇ ଥାଆନ୍ତି ସେ କିଏ ?

ଚିଠି ଦୁଇଟି ପୋଷ୍ଟ କରିଦେଇ ପ୍ରଶାନ୍ତ ଟହଲୁ ଥିଲା ଘର ଭିତରେ ଉତ୍ତେଜିତ ହୋଇ ।

× ×

ଗୋଟିଏ ସନ୍ଧ୍ୟା । ପ୍ରଶାନ୍ତ ଘରୁ ବାହାରି ଯିବାବେଳେ ଦେଖିଲା ବାପା ଠିଆ ହୋଇଛନ୍ତି । ନମସ୍କାର କରି ତଳକୁ ମୁହଁ ପୋତିଲା

ପ୍ରଶାନ୍ତ । ସଙ୍ଗେ ସଙ୍ଗେ ବେହେରାଙ୍କୁ ମିଲ ପାଇଁ କହି ବାପାଙ୍କୁ ଡ଼ାକି ରୁମ୍ ଭିତରକୁ ଗଲା ।

ଘରକୁ ଯାଇ ପ୍ରଶାନ୍ତ ପଚାରିଲା—ଆପଣ ମୋ ଠିକଣା ଜାଣିଲେ କିପରି ?

ଯତୀନ୍ଦ୍ର କହିଲା ?

ଯତୀନ୍ଦ୍ର କେଉଁଠି ଅଛି ?

ଘରକୁ ଯାଇଛି ।

ହଁ, ପ୍ରଶାନ୍ତ ତୋର ବିବାହ କଥା ମୁଁ କହୁଥିଲିନା ? ଏଇ ଦେଖ ଫଟୋଟି ତାର ।

ପ୍ରଶାନ୍ତ ଥରିଲା ହାତରେ ଫଟୋଟି ଦେଖି ଚମକିପଡ଼ି କହିଲା— ଏ ଯେ ସୁଚିତ୍ରା ? ତା ପର ବାପାଙ୍କୁ କହିଲା— ମୋତେ ପଚାରିବାକୁ କିଛି ନାହିଁ— ତୁମ କଥାରେ ମୁଁ ସମ୍ପୂର୍ଣ୍ଣ ବାଧ୍ୟ । ଆଜ ପ୍ରଶାନ୍ତ ଭାରି ଖୁସି । ସେଇ ଚିତ୍ରା— ଯେ କି ତାର ସ୍ତ୍ରୀ ହୋଇ ଆସିବ ।

× ×

ଘୋଡ଼ା ଉପରେ ବସି ବରଯାତ୍ରୀମାନଙ୍କ ଗହଣରେ ଯାଉଥିଲା ପ୍ରଶାନ୍ତ । ବଡ଼ ବାଜା ବାଜି ଉଠୁଥିଲା ଆକାଶର ବକ୍ଷ ଚିରି । ବିବାହ ମଣ୍ଡପ । ଚିତ୍ରା ଆସି ତା ପାଖରେ ବସିଲା । ଆଗରେ ହୋମାଗ୍ନି । ତା ପରେ ପୁରୋହିତଙ୍କର ମନ୍ତ୍ରପାଠ । ହାତଗଣ୍ଠି ପଡ଼ି ଯାଇଛି ।

ବର କନ୍ୟା ବିଦାୟ ହୋଇ ଆସିଲେ । ପ୍ରଶାନ୍ତ ସୁଚିତ୍ରାର ମୁହଁଟି ହଲାଇ ଦେଇ କହିଲା—ଚିତ୍ରା ! କାନ୍ଦୁଥିଲା ଚିତ୍ରା— ପ୍ରଶାଂତ ସୁଚିତ୍ରାର ଲୁହ ପୋଛି ଦେଇ କହିଲା— ଆଜି ଦିନରେ କାନ୍ଦିବାର ନୁହେଁ ପ୍ରିୟା— ପ୍ରଶାଂତ ମିଶାଇ ଦେଲା ଚିତ୍ରାର ଅଧରରେ ଅଧର । ଏଇ ଚିତ୍ରା ତାର ଜୀବନର ସାଥି । ପଲଙ୍କ ଉପରେ ସଫା ଚଦର ବିଛା ହୋଇଥିଲା । ଅଗ ବାସୀ ହୋଇ ପଡ଼ି ରହିଥିଲା ମଲ୍ଲୀ ଓ ଚମ୍ପା

ଫୁଲର ହାର । ଟେବୁଲ ଉପରର ଦୁଧ ଗିଲସ ସେତେବେଳକୁ ଖାଲି ହୋଇ ଯାଇଥିଲା । ସଭିଙ୍କ ଠାରୁ ବିଦାୟ ନେଇ— ପ୍ରଶାନ୍ତ ଓ ଚିନା ଗୋଟିଏ କାରରେ ବସି ଯାତ୍ରା ଆରମ୍ଭ କଲେ ।

ଘଡ଼ିଟି କଟି ଗଲା ଚିନା ସହିତ, ପ୍ରଶାନ୍ତ ଏଇ ଭିତରେ ଭୁଲି ଯାଇଛି ସମୟ ଜ୍ଞାନ । ଆରଦିନ ସକାଳେ ସେ ଷ୍ଟଡ଼ି ରୁମ୍‌କୁ ଯାଇ ଚେୟାର ଉପରେ ବସି ଲେଖିବାକୁ ଆରମ୍ଭ କଲା କେତୋଟି ଚିଠି । ହଠାତ୍ ପୁଣି କଅଣ ଭାବି ଛାତ ଉପରକୁ ଯାଇ ଠିଆ ହେଲା— କେହି ନାହିଁ— ସବୁ ଶୂନ୍ୟ— ପୂର୍ବର ସ୍ମୃତି ତାର ମନ ଭିତରେ ଉଙ୍କି ମାରି ଉଠିଲା । ପାଖ କୋଠା ଉପରକୁ ଚାହିଁ ଦୀର୍ଘ ନିଶ୍ୱାସ ପକାଇ ଅଳ୍ପ ସମୟ ପରେ ଫେରି ଆସିଲା ।

ଲେଖିବାକୁ ଆରମ୍ଭ କଲା ପ୍ରଶାଂତ । ଚିନାର ମୁହଁ ଦିଶିଗଲା ପୁଣି ଝରକା ପାଙ୍କରେ । ପ୍ରଶାଂତ ଥରେ ଚିନା ପାଖରୁ ଆସି ଲେଖି-ବାରେ ମନ ଦେଲା । ଦୁଇ ଘଣ୍ଟା ଧାଡ଼ି ଲେଖିଛି କି ନାହିଁ ଦେଖିଲା, ଗୁମାସ୍ତା ମଦନ ଆସି ଠିଆ ହୋଇଛି ପାଖରେ ।

ପ୍ରଶାଂତ କହିଲା— କଅଣ ମଦନ ?

ଛୋଟ ବାବୁ ! ଗଳା ଧରି ଉଠୁଥିଲା—

କଅଣ କହୁନ ?

କହିବି ଗୋଟାଏ କଥା । ହେଲେ, ଯଦି—

ନିର୍ଭୟରେ କହିପାର— ତୁମେ କଅଣ ତୁମର ପ୍ରଶାଂତକୁ ଚିହ୍ନି ପାରୁନ ଆଜଯାଏ ?

ବାବୁ ଆପଣ ତ ଚାଲିଗଲେ— ବଡ଼ ବାବୁ ଆପଣଙ୍କ ଚିଠି ପାଇ ଭାରି ମନ ଦୁଃଖ କଲେ ।

ଓ ଏଇ କଥା ତ—

ନାଁଙ୍କ ବାବୁ ଅନ୍ତର ଅଶ୍ରୁ ଜନ୍ମ ମଉଳା ଗଭୀର ଉପରେ ଛାପ ରଖି କହିଲା— ତା ପରେ ବଡ଼ ବାବୁଙ୍କର ସବୁ ରାଗ ପଡ଼ିଲା ସୁପ୍ରିୟା ଓ ତା ମା ଉପରେ। ସବୁବେଳେ ସର୍ବନାଶର ଉପାୟ ଖୋଜି ବୁଲିଲେ। ବଡ଼ ବାବୁଙ୍କୁ ସାହାଯ୍ୟ ଦେଲେ ଆଉ କେତେ ଜଣ। ପ୍ରତ୍ୟେକ କଥାରେ ସୁପ୍ରିୟାର ମାଁଙ୍କୁ ହଇରାଣ କଲେ। ଦୁର୍ନାମ ରଟାଇବାକୁ ମଧ୍ୟ ପଛେଇଲେ ନାହିଁ। ମାଇପି ଲୋକ ତ, ଏତେ ସାହସ ଆସିବ କୁଆଡୁ। ଦିନୁ ଦିନ ଧୈର୍ଯ୍ୟ ହରାଇ ବେମାର ହେଲା। ସାହାଯ୍ୟ ଦେବ ଅବା କିଏ? ଥରେ ଅଧେ ଆପଣଙ୍କ ଲାଗି ମୁଁ ଲୁଚିଲୁଚି ଯାଇ ସାହାଯ୍ୟ କଲି— କିନ୍ତୁ ସେଇ ଚୁଗୁଲିଆମାନେ ଆସି ବଡ଼ ବାବୁଙ୍କ ଆଗରେ କହିଲେ। ସେଇଠୁ ମୋ ଉପରେ କଡ଼ା ପହରା। କ୍ରମେ ତାଙ୍କ ଦେହ ଅତିଶୟ ଖରାପ ହେଲା ଓ ଦିନେ ଭୟଙ୍କର କଷ୍ଟରେ ସେ ଆଖି ବୁଜିଲେ। ସେଦିନ ମୁଁ ରାତିରେ ଅନ୍ୟ ରାସ୍ତାରେ ଲୁଚିଲୁଚି ଯାଇ ଶୁଣିଲି। ମା ତାଙ୍କର ସୁପ୍ରିୟାକୁ ପଚାରିଲେ- ପ୍ରଶାନ୍ତ ବାବୁ ଆଉ କିଛି ଖବର ଦେଲେ? ସୁପ୍ରିୟା କହିଲା ନା? ତେବେ ଠକି ଦେଲେ ସେ ମା, ବଡ଼ ଘରର ପୁଅ, ତୁ ତାଙ୍କୁ ବିଶ୍ୱାସ କରିଗଲୁ। ଏଇକ୍ଷଣି କାହାକୁ ମୁହଁ ଦେଖାଇବୁ! ବିପଦ ମୁହଁକୁ ଠେଲି ଦେଇ ସେ ନିଶ୍ଚିନ୍ତରେ ରହିଲେ।

ତା ପରେ? ପ୍ରଶାନ୍ତ ପଚାରିଲା—

ସୁପ୍ରିୟା କହିଲା— ନା ପ୍ରଶାନ୍ତ ବାବୁ ନିଶ୍ଚୟ ଆସିବେ। ମାଆ ମରିଯିବା ପରେ ବଡ଼ ବାବୁଙ୍କର ରାଗ ପଡ଼ିଲା ଝିଅ ଉପରେ। କିପରି ତାକୁ ମାରିବେ ଏଇ ହେଲା ତାଙ୍କର ଚିନ୍ତା। ଆପଣ ଲେଖିଲା ପରି ସୁପ୍ରିୟା ପାଖକୁ ଚିଠି ଦେବାକୁ ସେ ଦିନେ ମୋତେ କହିଲେ—

ଏତିକି ବେଳେ ପ୍ରଶାନ୍ତ ଦେଖିଲା କାନ୍ଦି କାନ୍ଦି ଆସୁଛି ରାଜୁ। ରାଜୁ ଆସି ପ୍ରଶାନ୍ତକୁ ନମସ୍କାର କରି କହିଲା—ଅପା ଖୋଜୁଛି ତୁମକୁ। ଦେଖିବାର ଇଚ୍ଛା ଥିଲେ ଶୀଘ୍ର ଆସନ୍ତୁ। ବିଜୁଳି କରେଣ୍ଟ ଲାଗିଲେ

ଠିକ ସେପରି ହୁଏ ପ୍ରଶାଂତ ଉଠି ସବୁର ହାତକୁ ଭିଡ଼ ନେଇ କହିଲା ଚାଲ ।

ସୁପ୍ରିୟାର ଘର— ମଳିନ ସେଜ— ଶୋଇଥିଲା ସୁପ୍ରିୟା— ମଳିନ ମୁହଁ—

ପ୍ରଶାଂତ ଆସି ଠିଆ ହେଲା ସୁପ୍ରିୟା ପାଖରେ । ମୁହଁରେ ଫୁଟି ଉଠିଥିଲା ଅଶାନ୍ତିର ଚିହ୍ନ—

ଡାକିଲା— ସୁପ୍ରିୟା

ବନ୍ଦ ଆଖି ଖୋଲି ହୋଇ ପୁଣି ପଡ଼ିଗଲା—

ଅତି ଧୀରେ ଧୀରେ ଶ୍ୱାସ ପ୍ରଶ୍ୱାସ ଚାଲିଥିଲା । ସୁନ୍ଦର ମୁହଁ କଳା ପଡ଼ି ଯାଇଛି । ପ୍ରଶାଂତ ମୁଣ୍ଡ ଉପରେ ବସି ଡାକିଲା— ସୁପ୍ରିୟା । ଧୀରେ ଧୀରେ ବନ୍ଦ ଆଖି ଖୋଲିଗଲା । ତୁମେ ଆସିଛ ପ୍ରଶାଂତ ବାବୁ ? ହଉ ଭଲ ହେଲା—ତୁମକୁ ଦେଖି ମୁଁ ମରିବ । ନା ଭଲ ହୋଇଯିବୁ ସେ—

ନା ମୋର ବଞ୍ଚିବା ଦରକାର ନାହିଁ— ଆପଣଙ୍କ ପାଖରେ ଶେଷ ଆଶା ଭରସା ସବୁ ମୋର ଥିଲା । ଶେଷକୁ ଆପଣ ମଧ୍ୟ ତୁଟାଇ ଦେଲେ । ଆପଣଙ୍କ ପରେ ଏହି ମୋର ଅବସ୍ଥା । ଆପଣଙ୍କର ଆଭିଜାତ୍ୟ ଉପରେ କଳଙ୍କ ଆଣିବାକୁ କାହିଁ କି ବା ଚେଷ୍ଟା କରିଥାନ୍ତି ?

ଚମକି ପଡ଼ି ପ୍ରଶାଂତ କହିଲା— ମୁଁ ତୁଟାଇ ଦେଲି ? ନା— ମୁଁ କୌଣସି କଥା ତୁମ ପାଖକୁ ଲେଖି ନାହିଁ— ଏ ସବୁ ବାପାଙ୍କର କାଣ୍ଡ । ଆଚ୍ଛା— ସେ ଯାହା ହେଉ ପରେ ଜାଣିବ — ଶେଷ ବେଳରେ ତୁମର ଦେଖା ପାଇ ମୁଁ ନିଜକୁ ଭାଗ୍ୟବତୀ ମନେ କରୁଛି । ଏବେ ବିଦାୟ—

ଆଖି ବନ୍ଦ ହୋଇଗଲା । ଶ୍ୱାସ ପ୍ରଶ୍ୱାସ ବନ୍ଦ । କ୍ଷୀଣ କଣ୍ଠରୁ ଭାସି ଆସୁଥିଲା— ବିଦାୟ